ମିଛୁଆ

ଗାଈଆଳ ଟୋକା

ମଲା ପୂର୍ବରୁ

ଗାଇଥିବା ଗୀତ

ଶୈଳଜ ରବି

Digitized by PPRACHIN, SOA

॥ ମୁଁ ପଢ଼ିଥିବା ଅଳ୍ପକେତୋଟି
ମର୍ମଭେଦୀ କବିତା ଭିତରୁ ଅନ୍ୟତମ
ଁଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀଙ୍କୁ
ଆଦ୍ୟରେ ସ୍ମରଣ କରୁଛି'' ॥

Digitized by PPRACHIN, SOA

ପ୍ରକାଶିତ ପୁସ୍ତକ

ଧାର୍ମିକ ଅବୋଲକରା କାହାଣୀ (ପ୍ରୌଢ଼ଶିକ୍ଷା)
ମାଳତୀ ଦେବୀ: ଚଉଦଟି ଚିତ୍ରପଟ (ଜୀବନୀ)

ପ୍ରକାଶ ଅପେକ୍ଷାରେ

ସିସିଫସ୍‌ର ସାତୋଟି ସୂକ୍ତ (କବିତା)
ପ୍ରକ୍ରିୟାନିଷ୍ଠ ସାହିତ୍ୟ ବିଦ୍ୟା (ପ୍ରବନ୍ଧ)
ଲୋକସାହିତ୍ୟ: ଏକ ଲୋକକୈନ୍ଦ୍ରିକ ଅଲୋଚନା (ପ୍ରବନ୍ଧ)

ଗତ ତିନି ଦଶନ୍ଧିଧରି ଲେଖିଥିବା ଅଳ୍ପ କିଛି କବିତା ଭିତରୁ ସ୍ୱଳ୍ପ ଏଥିରେ ସନ୍ନିବିଷ୍ଟ। ଏ କବିତା ଗୁଡ଼ିକ ଭିତରୁ କିଛି ପ୍ରକାଶିତ, କିଛି ଅପ୍ରକାଶିତ। 'ଏକ ଖୁଉବ୍ ନିଶୂନ୍ ରାତିର ସଲୀଲକି' ରୂପସ୍ରଷ୍ଟା ନାମରେ ଓ ଅନ୍ୟ ପ୍ରକାଶିତ କବିତା ଗୁଡ଼ିକ ଶୈଳଜ ରବି ନାମରେ ପ୍ରକାଶିତ। ରଚନା ସମୟ ଓ ପ୍ରକାଶନ ସମୟ ଭିତରେ ଅଧିକାଂଶ କ୍ଷେତ୍ରରେ ବ୍ୟବଧାନ ବେଶ୍ ଅନେକ।

ଝଙ୍କାର, ଡଗର, ସଂବାଦ ବାର୍ଷିକ ବିଶେଷାଙ୍କ ୧ ଓ ୨, କୈବଲ୍ୟ, କ୍ରାନ୍ତିପଥ, ମାତୃଭୂମି, ଗିରିଜା, ଫୁଲ ଓ ସ୍ୱାକ୍ଷର ବିଭିନ୍ନ ସମୟରେ ଏଥିରୁ କିଛି କବିତା ପ୍ରକାଶ କରିଛନ୍ତି। ସେମାନଙ୍କ ନିକଟରେ ମୁଁ କୃତଜ୍ଞ।

Digitized by PPRACHIN, SOA

ମିଛୁଆ

ଗାଈଆଳ ଟୋକା

ମଲା ପୂର୍ବରୁ

ଗାଇଥିବା ଗୀତ

ଶୈଳଜ ରବି

ଆର୍ଯ୍ୟ ପ୍ରକାଶନ

Digitized by PPRACHIN, SOA

ମିଛୁଆ ଗାଇଆଳ ଟୋକା ମଲା ପୂର୍ବରୁ ଗାଇଥିବା ଗୀତ
(କବିତା ସଂକଳନ)
ରଚନା/ପ୍ରଚ୍ଛଦ
ଶୈଳଜ ରବି
ପ୍ରକାଶକ
ଆର୍ଯ୍ୟ ପ୍ରକାଶନ
ଲଭ ପ୍ୟାଲେସ୍, ବାଦାମବାଡ଼ି, କଟକ - ୧୨

ଟାଇପ୍ ସେଟିଂ ଓ ମୁଦ୍ରଣ
ଜଗନ୍ନାଥ ଲାମିନେଟର ଓ ଅଫ୍‌ସେଟ୍ ପ୍ରିଣ୍ଟର୍
ବାଦାମବାଡ଼ି, କଟକ - ୧୨, ଫୋନ - ୨୫୭୬୫
ପୃଷ୍ଠା -୫୬-
ମୂଲ୍ୟ - ଟ୨୦/-

MICHHUA GAIALA TOKA MALAPURBARU GAITHIBA GITA
(a collection of Poems)
Author
Sailaja Rabi
Publisher
Arya Prakasana
Love Palace
Badambadi, Cuttack- 12

Printer
Jagannatha Laminator & offset Printer
Badambadi
Cuttack - 12, Phone - 25765

Pages- -56-
Price - Rs.20/-

1st edition, 1993

Digitized by PPRACHIN, SOA

ବେଳେବେଳେ ଲାଗେ କବିତା ଗୋଟାଏ ନବଗୁଞ୍ଜର। ଭୂଆଁ ବୁଲୁଥିବା ମଣିଷ ତା'କୁ ଗଢ଼େ। ଆଉ ଭୂଆଁ ବୁଲୁଥିବା ମଣିଷ ତା'ଠି ରହେ। ଅବଶ୍ୟ ଭୂଆଁ ବୁଲେଇବାମାନେ ଭୂତେଇବା ନୁହେଁ କି ଭଣ୍ଡେଇବା ନୁହେଁ। ସେ ସୁବୋଧ ହୋଇପାରେ, ଦୁର୍ବୋଧ ହୋଇପାରେ ଅଥବା ହୋଇପାରେ ସଂପୂର୍ଣ୍ଣ ଅବୋଧ। ତଥାପି ପ୍ରଥମ ଦେଖାରେ ତା'ର ବ୍ରହ୍ମପିଣ୍ଡ ଅନୁଭବ କରିହୁଏ।

ବେଳେବେଳେ ଲାଗେ କବିତା ଗୋଟାଏ ବାଦଲର ହାତୀ କି ଘୋଡ଼ା। ନିଜେ ଠଉରେଇ ପାରିଲେ ଆଉ ପାଞ୍ଚଜଣଙ୍କୁ ହାତଠାରି ଦେଖେଇ ଦେବାକୁ, ହାତରେ ଆଙ୍କି ବୁଝେଇ ଦେବାକୁ ମନ ହାଇଁ ପାଇଁ ହୁଏ। କିନ୍ତୁ ଫେଣେଇ ଫଟେଇ ବୁଝେଇ ବସିଲେ ସିଏ ଆଉ କ'ଣଟାଏ ପରି ଦିଶିବାକୁ ଲାଗେ।

ବେଳେବେଳେ କବିତା ମାଡ଼େ, ଆଉ କବିତା ହେଇଯାଏ। ଆଉ ବେଳେବେଳେ ଅସହ୍ୟ ପ୍ରସବ ବେଦନା ବି ନିଷ୍ଫଳ ଯାଏ। କିନ୍ତୁ ଏକଥା ସବୁବେଳେ ସତ ଯେ ନିଜକୁ ଝିଙ୍କା ଓଟରା ନକଲେ, ନିଜ ସହ କଳି ନଥିଲେ, କବିତାର ଭ୍ରୂଣ ସଂଚାର ଅସମ୍ଭବ।

ବେଳେବେଳେ ଗୋଲାପ ଫୁଲ ଭଲ ଲାଗେ ତ ବେଳେବେଳେ କଖାରୁ ଫୁଲ। ଗୋଲାପ ଫୁଲ ହେଉ କି କଖାରୁ ଫୁଲ ହେଉ, ଉଭୟର ହୃଦ୍ୟ ଉପଯୋଗ ସର୍ଜନଶୀଳତାର ଅପେକ୍ଷା ରଖେ।

Digitized by PPRACHIN, SOA

କେତେବେଳେ ପୋଷାକଟା ଭଲ ଲାଗେ ତ କେତେବେଳେ ପୋଷାକ ଭିତରର ଦେହଟା। ଆଉ କେତେବେଳେ ବା ଉହୁଙ୍କି ଦେଖିବାକୁ ଇଚ୍ଛାହୁଏ ପୋଷାକ ଆଉ ଦେହକୁ ଟପି ସେହି ଦେହୀକୁ। କିନ୍ତୁ ଏ କଥା ଏକବାରେ ସତ ଯେ କଳାରେ ଭଲ ପାଇବାଟା ଗୋଟାଏ ବାଛବିଚାର ହୀନ ଅନ୍ଧ ମୋହ। ପୋଷାକ, ଦେହ, ଦେହୀ। ଦେବତା, ମଣିଷ, ସଇତାନ। ଗୋଟାଏ ସ୍ତରରେ ଏ ସବୁରି ପାଇଁ ତା'ର ଦରଦ ହୋଇଯାଏ ସମାନ। ସଇତାନର ଛବି ଆଙ୍କୁଥିବା ଚିତ୍ରକାର ଯଦି ଚିତ୍ରର ସେ ସଇତାନକୁ ଅନ୍ତର ଦେଇ ଭଲ ପାଇନଥିବ ତେବେ ଚିତ୍ରରେ ସେ ସଇତାନ ସଇତାନ ପରି ଆଉ ଦେଖା ଯିବଟି ?

କବିତା ନବଗୁଞ୍ଜର ପରି ଛଦ୍ମ। କବିତା ବାଦଲର ହାତୀ, ଘୋଡ଼ାପରି ଏକ ଭ୍ରାନ୍ତି। କବିତା ଘରକଳି ପଦାରେ ପକାଇବା ପରି ଏକ ଅଶ୍ଳୀଳତା। ଏକ ମୋହଗ୍ରସ୍ତ ମୃଢ଼ର ମିଛ ମାୟା।

ସେଇଥିପାଇଁ ତୁଳୀରେ କବିତା ଲେଖିଥିବା ଏ ଯୁଗର ଅନ୍ୟତମ ଶ୍ରେଷ୍ଠ କବି ପିକାସୋ କହୁଥିଲେ 'କଳା ଏକ ମିଥ୍ୟାଚାର।' ଆଉ ତାଙ୍କରି ପରି ଏ ଯୁଗର ଆଉ ଜଣେ ପ୍ରାତଃ ସ୍ମରଣୀୟ ଚିତ୍ରୀ-କବି ମତ୍ରିଆଁ ପାଦେ ଆଗେଇ ଯାଇ କହିଥିଲେ, 'କଳା ଠାରୁ ଜୀବନ ବଡ଼।' ଆମ ବେଦାନ୍ତର କବି-ମନୀଷି ଆଉ ଦି'ପାଦ ଆଗେଇ ଯାଇ କହି ନଥିଲେ ନା, 'ଜୀବନଠାରୁ ସତ୍ୟ ଗରୀୟାନ୍'!

କଳା ଲୋଭନୀୟ। ସତ୍ୟ ଭୟପ୍ରଦ। ଜୀବନ ଏକ ଲୋଭନୀୟ ଭୟ।

କେତେବେଳେ ଲାଗେ କଳାର ପାଲରେ ପଡ଼ିଥିବା, ସତ୍ୟଦ୍ୱାରା ପ୍ରତିନିୟତ କ୍ଷତବିକ୍ଷତ ହେଉଥିବା ଆଉ ଜୀବନକୁ କେତେବେଳେ କଳା ଆଉ କେତେବେଳେ ସତ୍ୟବୋଲି ଭୂଆଁ ବୁଲୁଥିବା ସବୁ ନାଟୁଆ, ସବୁ ମିଛୁଆ ମଲା ପୂର୍ବରୁ ହୁଏତ ଏମିତି ଧନ୍ଦି ହେଉଥିବେ। ବିଭ୍ରାନ୍ତି, ବ୍ୟର୍ଥତା ଓ ବିସ୍ମୟରେ ସନ୍ତୁଳି ହୋଇ ଏମିତି କିଛି ଗୋଟାଏ ଗାଉ ଥିବେ। ସତ ନା' ନୁହେଁ ?

Digitized by PPRACHIN, SOA

ସୂଚୀ

।। ● ଖାଁ ଖାଁ ଖରାବେଳ-୯/ ● ପୃଥିବୀ ସୂକ୍ତ-୧୧/ ● ଗୁଡ୍ ଫ୍ରାଇଡ଼େର କବିତା-୧୫/ ● ଗୋଟାଏ ଖୁଉବ୍ ନିଶୂନ୍ ରାତିର ସଲିଲକୀ-୧୬/ ● ମା, ରମା, ରବର-୧୯/ ● କୋକେଇ ଉପରୁ ସଂସାର ଦର୍ଶନ-୨୦/ ● ମୂହୂର୍ତ୍ତର ଚାରିଛକି-୨୩/ ● ଉତ୍କଳମଣି (ଅଥବା ସେହିପରି ମହାପୁରୁଷ ମାନଙ୍କୁ)-୨୫/ ● ଆଗ୍ନେୟ ସୂକ୍ତ-୨୮/ ● ଧୂମାବତୀ-୩୩/ ● ଦାରୁ-୩୭/ ● ସ୍ମୃତି(୧)-୪୦/ ● ଆତ୍ମହତ୍ୟା କରିବାର ଏକ ସୂକ୍ଷ୍ମ ଉପାୟ-୪୧/ ● ସ୍ମୃତି(୨)-୪୨/ ● ମିଛୁଆ ଗାଈଆଳ ଟୋକା ମଲାପୂର୍ବରୁ ଗାଇଥିବା ଗୀତ-୪୩/ ● ଭଲଗପ, ସତଗପ-୪୭/ ● ଏ ବୃକ୍ଷ ନୁହଇ କାହାର-୪୯/ ● ଅରୁନ୍ଧତୀ-୫୨/ ● ସାରିବା ମାନେ-୫୩/ ● ସଙ୍କେତ ସୂଚୀ-୫୪ ।।

Digitized by PPRACHIN, SOA

Digitized by PPRACHIN, SOA

ଖାଁ ଖାଁ ଖରାବେଳ

ଘୁମ୍ ଘୁମ୍ ଅନ୍ଧାରରେ ସିଝିସିଝି
ମାଗିଦେଲି ଫର୍ଚ୍ଚା ଖରା ଟିକେ
(ମାଗିଥିଲେ ହୋଇଥାନ୍ତା ଆଣ୍ଡୁଳେ ଆଳୁଅ)
ଓଲଟ ବୁଝିଲ ରାମ
ଏକି ହେଲା, କୁଢ଼େଇଲ
ମୋ ଉପରେ ଯେତେ ଥିଲା ସବୁ
ଖାଁ ଖାଁ ଏଇ ଖରାବେଳ !

ଗଛବୃକ୍ଷ କୋଠାବାଡ଼ି
ସବୁ ଫର୍ଚ୍ଚା ଦିଶେ
ସତେ ଯେହ୍ନେ ଟିକ୍ ଟିକ୍ ଜରିର ନଗର
ରାସ୍ତା କିନ୍ତୁ ଜଳିଯାଏ
ରାସ୍ତା ସବୁ ରଡ଼ ନିଆଁ
ତୁଇର ଅଙ୍ଗାର
ରାସ୍ତା ସବୁ ବହିଯାଏ
ରାସ୍ତା ସବୁ ତରଳ ଅନ୍ଧାର ।

କ୍ଷୁରଧାର ଚାଲିବାର ପଥ
କହିଥିଲେ ମୁନି, ଋଷି, କବି
ପୁଣି କିଏ କହିଥିଲେ
ପଥଟା ଖସଡ଼ା
ଏଠି କିନ୍ତୁ ରାସ୍ତା ସବୁ
ଯୋଡ଼ା ଯୋଡ଼ା ଗୋଡ଼ ଛନ୍ଦିବାର
ଆସଫାଲ୍ଟ ରାସ୍ତା ସବୁ ଆଉଟା ଆଉଟି
ରାସ୍ତା ସବୁ ଅଠାକାଠି ଅବା ଶବରର ।

ଖଇଫୁଟା ତରଳ ରାସ୍ତାରେ
ଫକ୍ ଫକ୍
ଡ଼େଇଁ ଡ଼େଇଁ
ଏକା ଏକା ଦୌଡ଼ିବାକୁ ହୁଏ

Digitized by PPRACHIN, SOA

ଫକ୍ ଫକ୍
ଡ଼େଇଁ ଡ଼େଇଁ
ଏକା ଏକା ଦୌଡ଼ିବାକୁ ହୁଏ
ଗୋଟିକିଆ ବଣିପରି
ନିଛାଟିଆ ନିଃଶେଷ କ୍ଷେତରେ ।

ପିଲାବେଳେ ବୋଉ କହିବାର
ଶୁଣିଥିଲି, ଖରାବେଳେ ଆଖିବୁଜି
କିଛିକ୍ଷଣ ଯଦି ଶୋଇପଡ଼
ସଞ୍ଜ ଆସିବନି ଆଉ
ଆସିବନି ରାତିର ଅନ୍ଧାର
ଆସିବନି କକବାୟା
ଖରାବେଳ ଅଟକିଯିବ ଖେଳ ପଡ଼ିଆରେ ।

ଫକ୍ ଫକ୍ ଡ଼େଇଁ ଡ଼େଇଁ
ଆଜି କ୍ଳାନ୍ତ ମନ ଓ ଶରୀର
ଶୋଇଗଲେ ଟିକେ ବୋଧେ
ଖରାବେଳ ଅଟକି ଯା'ନ୍ତା
ଖେଳ ପଡ଼ିଆରେ ।

କିନ୍ତୁ ଇଏ ଖାଁ ଖାଁ ନିଃଶବ୍ଦ ନିର୍ଜନ
ରାସ୍ତା ଖାଲି
ରାସ୍ତା ଖାଲି
ରାସ୍ତା ଖାଲି
ଖାଲି ରାସ୍ତା ଯୋଜନ ଯୋଜନ ।

ଏବେ ବି ସରେଇ ଘର ଅଛି ବହୁଦୂରେ
ଫକ୍ ଫକ୍
ଡ଼େଇଁ ଡ଼େଇଁ
ଦୌଡ଼ିବାକୁ ହେବ ଏଠି
ଏକା ଏକା
ଖୁବ୍ ଏକା ଏକା
ଝାମ୍ପୁର ଏ ଜଳନ୍ତା ନିଆଁରେ ।

—୦୦—

Digitized by PPRACHIN, SOA

ପୃଥିବୀ ସୂକ୍ତ

ହେ ଜନନୀ, ମାଗେ ବର
ଆଉ ଥରେ ଦୁଇଫାଳ ହୁଅ
ଜଠର ଅନ୍ଧାରେ ତବ
ଆଉ ଥରେ ସ୍ଥାନଟିକେ ଦିଅ ।

ମୁଁ ଅଧମ ଜ୍ଞାନ ପାପୀ ତୋହରି ସନ୍ତାନ
ଯାହାରେ ଗୋ ଅନସୂୟା ଚାହିଁଥିଲୁ
ଦେବାପାଇଁ ଚିର ସ୍ତନ୍ୟପାନ

ମୁଁ କିନ୍ତୁ କିଶୋର ହେଲି, ହେଲି ମୁଁ ତରୁଣ
ହେଲି ପୁଣି ସୁ ପୁରୁଷ ଯୁବା
ଜ୍ଞାନବୃକ୍ଷ ଫଳ ମୁଁ ଖାଇଲି, ହେଲି ମୁଁ ସୋମପା ।

ଏକରୁ ଅନେକ ହେଲି
ମରୁତ୍ ଓ ବରୁଣ, ଇନ୍ଦ୍ର, ଅଗ୍ନି, ଯମ ।
ଭଣିଲି ସହସ୍ର ମନ୍ତ୍ର
ମୋ ଭାଇଙ୍କୁ କଲି ଆବାହନ
ଆଜି ମୋତେ ଲାଗେ ଭାରି ଡ଼ର
ମୋ ଠାରୁ ମୋ ଭାଇମାନେ ବଡ଼ !

ଆଜି ହାୟ, ମୋ ଠାରୁ ମୋ ଭାଇମାନେ ବଡ଼
କିଏ ଶ୍ୟାମ, କିଏ ପୀତ, କିଏ ଇନ୍ଦ୍ରନୀଳ
କା' ହାତେ ମୋ ଜୀବନ ଫରୁଆ
କା'ହାତେ ତ୍ରିଗୁଣ ରଜ୍ଜୁ
କା'ହାତେ ମୋ ଦାନାପାଣି ଥୁଆ
ଆଜି ମୋର ହୁଏ ମତିଭ୍ରମ
କସ୍ମୈ ଦେବାୟ, ମାତା, ହବିଷା ବିଧେମ ?

Digitized by PPRACHIN, SOA

ମୁଁ ପୁଙ୍ଗବ ଇଡ଼ିପସ୍
ଯିଏ ତୋତେ ମାଗିଥିଲା ବର
'ମୋତେ ମାତ ବହୁବର୍ଣ୍ଣ ବହୁରୂପା କର'
ତଥାସ୍ତୁ କରିଲୁ ଏବଂ
ପାଇଚିଲି ମୁଁ ନବ ଗୁଞ୍ଜର ।

ଆଖିଡ଼ୋଳା ଚାହିଁ ହେଲା
ପାଟିରେ ମୋ ସର୍ପଜିହ୍ୱା ଲହଲହ କଲା
ଶୃଗାଳର ପୁଚ୍ଛ ପୁଣି ଶ୍ୱାନ ଲିଙ୍ଗ, ବ୍ୟାଘ୍ର ନଖ ନାଇ
ତୁରଗର ବ୍ରହ୍ମଚର୍ଯ୍ୟ, ନମୁଚିର ଅମରତା ପାଇ
ମୁଁ ହେଲି ଅଜେୟ
ମାତାର ମେଦ୍ରାତଳ ନାରୀଦେହ ପ୍ରତି ଦୁର୍ଗ
କରିବାକୁ ବସିଲି ମୁଁ ଜୟ ।
ତୋ ଆଖିରେ ପୋଡିଲି ଚିମିନି
ତୋ ଛାତିର ସ୍ତନୁ ସ୍ତନାନ୍ତରେ
ତାଣ୍ଡବ ରଚିଲି
ତାକୁ ସବୁ ସମତଳ କଲି ।
ତୋ ହିରଣ୍ୟ ଗର୍ଭ ଭେଦି ରତ୍ନ ଆହରିଲି
ତୋ ମାତୃ-ଗହ୍ୱରେ ପୁଣି ଅଣୁଗୋଳା ବିସ୍ଫୋରଣ କଲି ।

ସର୍ବଂସହା ଆଗୋ ମାତ
ହେଲୁ ନିର୍ବିକାର
ସବୁ ମୋର ଉପଚାର, ସବୁ ଅଭିଚାର
ସହ୍ୟକଲୁ । ପରିପୂର୍ଣ୍ଣ କଲୁ
ତପ ମୋର ।
କିନ୍ତୁ ହାୟ
ସବୁ ପୁଣି କ୍ଷଣେ ଶୂନ୍ୟ ହେଲା
ଇନ୍ଦ୍ରଜାଲ ନଗରୀ ଏ ଇନ୍ଦ୍ରଜାଲେ କେଣେ ଉଭାଇଲା !

ଖାଲି ଯାହା ରହିଗଲା ବାକି
ଯଜ୍ଞକୁଣ୍ଡ, ହବିର୍ଧାନ, ଅରଣି ଓ ଶହ ଶହ ଯୂପ
ଗଦା ଗଦା ଶ୍ରୁତି, ସ୍ମୃତି, ଗଦା ଗଦା ପୂଣ୍ୟ ଆଉ ପାପ
ସବୁର ଫସିଲ୍

Digitized by PPRACHIN, SOA

ଏବଂ ଅଛି ବାକି
ଦଗ୍ଧରଥ, ଛିନ୍ନ ଶିରସ୍ତ୍ରାଣ
ଶୁଷ୍କ ଗଡ଼ଖାଇ ଏବଂ ପ୍ରାଚୀରବିହୀନ-
ଦୁର୍ଗ ଯା'ର
ଯକ୍ଷ ବୃଦ୍ଧ କରେ ମୁଁ ରକ୍ଷଣ।

ହେବାକୁ ଅଜାତଶତ୍ରୁ ମାଗିଥିଲି ବର
ତଥାସ୍ତୁ କରିଲୁ ସତ
ସତେ କ'ଣ ମୁଁ ଆଜି ନିର୍ବୈର ?

ମୋ ଶତ୍ରୁର ମୁହିଁ ଅଟେ କା'
ଅସଂଖ୍ୟ ମୋ ଅଣ୍ଟିଛୁରୀ
ପ୍ରତିବିନ୍ଦୁ ରକ୍ତେ ମୋର ମୋ ଶତ୍ରୁର ନାଁ।

ମୁଁ ଆଜି ବୁଝୁଛି
ନୁହେଁ ମୁଁ ମାନବ, ଦେବ
ଅଥବା ଦାନବ। କ୍ଷୁଦ୍ର ଅଶ୍ୱତରି
ବିରାଟ ବାରିଧି ବକ୍ଷେ କାମନାର ସ୍ଫୀତ ଏକ ନିଃସଙ୍ଗ ସଫରୀ।
ତୋ ପ୍ରଦତ୍ତ ଶାଳଗ୍ରାମ ଏଣୁ ହେଲା ମୋ ହାତେ ପଥର
ତୋ ପ୍ରଦତ୍ତ ମୋର ଆତ୍ମା, ମୋର ଏଇ ଅମ୍ଳାନ ବସନ
ଏଣୁ ଜୀର୍ଣ୍ଣ
ଏଣୁ ଆଜି ହେଲା ବିଭାହୀନ !

କ୍ଷମ ଆଗୋ ଅପ୍ପତି, ହେ ପିତା ପର୍ଜନ୍ୟ
ରସଶୂନ୍ୟ ଶୁଷ୍କତରୁ ମୁଁ ତୁମର ଅଯୋଗ୍ୟ ସନ୍ତାନ
ମୁଁ ବୃଦ୍ଧ ଯଯାତି

ଆଗୋ ପୟସ୍ୱତି
ଗୋଟିଏ କାମନା ବାକି, କର ଫଳବତୀ।
ନୁହେଁ ଆଜି ମୁଁ ଯୌବନକାମ, ନୁହେଁ ପ୍ରଜ୍ଞାକାମ
ଚାହେଁ ନା ଅପତ୍ୟ ଅବା ବ୍ରୀହି, ଯବ, ଗାଭି
ତଥାପି ମୁଁ ନୁହେଁ ଗୋ ନିଷ୍କାମ
ମାଗେ ଏକ ବର

Digitized by PPRACHIN, SOA

କ୍ଷମ ମୋର ଜ୍ଞାନ-ପାପ,
ଜନ୍ମର ଏ ପ୍ରତାରଣା ହର।

ଜରାୟୁର ଅଜ୍ଞାନ ତିମିରେ ଦିଅ ମାତ ସୂଚ୍ୟଗ୍ର ମେଦିନୀ
ଦିଅଭରି ଅକଳ୍ମଷ ଭ୍ରୂଣର ସାଧନା
ଆଦିମ ଅନ୍ଧାର ଏବଂ ଅନାଗତ ଆଲୋକର
ସେଠି ବସି କରେ ନିରାଜନା।

ବିଶ୍ୱଗର୍ଭା, ଦୁଇଫାଳ ହୁଅ
ଅତଳାନ୍ତ ବାସନା ମୋ
ତୋର ସେଇ ଅତଳାନ୍ତ ଅନ୍ଧାରେ ହଜାଅ।

ଅମୃତ ମୁଁ ମାଗେ ମୃତ୍ୟୁ ଯେଣୁ ଏ ଅଥର୍ବ
କ୍ଷୟହୀନ, ବୃଦ୍ଧିହୀନ ଅମରତା ମୋତେ ପଙ୍ଗୁକରେ
ଆଲୋକରୁ ଘେନ ଗୋ ଅନ୍ଧାରେ
ମୋ ଆଖି ଜଳକା ଯେଣୁ
ରଙ୍ଗମଞ୍ଚ ଆଲୋକ ଜ୍ୱାଳାରେ।

ଆଗୋ କାମଦୁଧା, ଅବିଧା, ଅବିଧା
ଯାଚୁଛି ମୋ ଫସିଲ୍‌ର ଯଜ୍ଞ ହବି, ମୋର ପୂଣ୍ୟଫଳ
ନେବା ହେଉ ସ୍ୱଧା।
ଆଗୋ ଅଗ୍ନିବାସା,
ଆଜି ମୋର ସର୍ବାଙ୍ଗରେ ଫିନିକ୍ସ ପିପାସା
ମୋତେ ନଗ୍ନକର
ମୋତେ ଦଗ୍ଧକର
ଚମସରେ ଚମସେ ଗୋ ଦିଅ ବୈଶ୍ୱାନର

ଏବଂ ତା'ପରେ
ଉତପ୍ତ ଶବକୁ ମୋର ସ୍ଥାନ ଟିକେ ମିଳୁ
ଉତପ୍ତ ତୋ ଜରାୟୁର
ଆଦିମ ଗହ୍ୱରେ।

—oo—

Digitized by PPRACHIN, SOA

ଗୁଡ୍ ଫ୍ରାଇଡ଼େର କବିତା

ପ୍ରଭାସ ଓ କ୍ୟାଲ୍‌ଭାରୀ, ମେମ୍ଫିସ୍ ଓ ବିର୍ଲାର ବଗିଚା
ବଲିଭିଆ, ହାନୋଇ ଓ କୋରାପୁଟ ମାଟି ରକ୍ତଭିଜା
ପ୍ରତିକ୍ଷଣେ ଜୀବନ୍ୟାସ ପାଏ। ସେଠି ଆଜି ବଢୁଛି ଏରକା
ପ୍ରତିହିଂସା ଓଏସିସ୍ କୂଳେ (କ୍ଷମା ଯେବେ ପାଇଟିଲା ଶୂନ୍ୟ ମରିଚିକା)।

ପ୍ରେମ, କ୍ଷମା, ଅହିଂସାର ସମସ୍ତ ସନ୍ଦେଶ
ମେସିହାର ପ୍ରତିଶ୍ରୁତି—''କପଟ ରାତ୍ରୀର ହେବ ଏଇଠାରେ ଶେଷ''
ନିରର୍ଥକ ହେଲା, ଗୋଲ୍‌ଗାଥାର ଅନତି ଦୂରରେ
ଏବେବି ମରୁଛି ଯୀଶୁ, ଦଣ୍ଡାମାଳେ, ରାଜରାସ୍ତା ପରେ
ରକ୍ତବୀଜ ଫାରିସୀ ଏବେବି
କ୍ରୁଶ୍‌ହାତେ ଖୋଜୁଛି ଶୀକାରେ।

ବୁଝିନି ନିର୍ବୋଧ ହାୟ, ଶିବ ମଧ ରୁଦ୍ର ହୋଇପାରେ
ସ୍ୱପ୍ନଗର୍ଭ ମରିପାରେ, ସ୍ୱପ୍ନ କିନ୍ତୁ ଅମର, ଅତନୁ
ଏକରୁ ଅନେକ ହୋଇ ଜନ୍ମନିଏ ଦଶଗୋଟି କୋଣୁ

ସତ୍ୟପାଇଁ, ଶିବପାଇଁ, ମୁକ୍ତିପାଇଁ ତୋ ଅତୃପ୍ତ ତୃଷା—
ନ ପୁରିବାଯାଏ ସେ ଲଢ଼ିବ ବିତୁ ପଛେ କୋଟି ବ୍ରହ୍ମନିଶା
ସିଏ ଏକ ବୋଧିସତ୍ତ୍ୱ ପ୍ରାଣ
ବନ୍ଦର ତା' ଶେଷ ଲକ୍ଷ୍ୟ
ତା ପୂର୍ବରୁ ଅସମ୍ଭବ ଅଟେ ତା' ନିର୍ବାଣ।

ସେ ଡ଼ରେନି ତୁମର ଏ ରକ୍ତମୁଖା ଗୁଡ୍ ଫ୍ରାଇଡ଼େ
ସେ ଡ଼ରେନି ବୁଲେଟ୍ ବା କ୍ରୁଶ୍ ଅବା ନିଷାଦର ଶର
ତା ଶକ୍ତି ଦେଖିବା ଚାହଁ ?
ଆଗକୁ ଅନାଅ
ଆସୁଅଛି ଉଦଗ୍ର ଇଶ୍ବର।
ରାହାମା, ମାର୍ଚ୍ଚ, ୧୯୭୦

—୦୦—

Digitized by PPRACHIN, SOA

ଗୋଟାଏ ଖୁଉବ୍ ନିଶୂନ୍ ରାତିର ସଲୀଲକି

ହେଇତି ଖୁଉବ୍ ଉପରେ...
ସେ ଗୋଲମୁହାଁ ଜହ୍ନଟା ବସି ଢୁଳଉଛି
ଆଉ ଆଖି ମଳୁଛନ୍ତି ସେଇ ଫାଜିଲ୍ ତାରା ଗୁଡ଼ାକ।

ଯାଉଛି,
ରାତିର ଏଇ ଇଣ୍ଡିଗୋ ରଙ୍ଗର ସିଡ଼ିରେ
ଛପି ଛପି ଘୁଷୁରି ଘୁଷୁରି ଚଢ଼ିବି
ତା'ପରେ ଗୋଡ଼ ଟିପି ଟିପି ଯିବି
ଜହ୍ନର ପଛ ଆଡ଼୍, ଆଉ ନିର୍ବିକାର ମନରେ
ଧୀରେ ଧୀରେ
ଚିପିବାକୁ ଲାଗିବି ତା'ର ବେକଟାକୁ
ଠିକ୍ ଗୋଟାଏ ପାଣି ଭର୍ତ୍ତି ରବର ବେଲୁନ୍ ପରି
ଆଃ, କି ତୃପ୍ତି, କି ଆନନ୍ଦ
ତା'ର ସେହି ବହଳିଆ ମହମ ପରି
ମୁଲାୟମ୍ ବେକଟାକୁ ଚିପିବାରେ।

ତା'ପରେ...
ସେ ଫାଟି ଯିବ
ଆଉ ମିଳେଇଯିବ ମୋ ଆଙ୍ଗୁଠିମାନଙ୍କ ସନ୍ଧିରେ
ସାବୁନ୍‌ର ଗୋଲ୍‌ଫେଣ ପରି।

ତା'ପରେ ଆସ୍ତେ ଆସ୍ତେ
ପରସ୍ତେ ହସିବି

Digitized by PPRACHIN, SOA

ଆଉ ଦଉଡ଼ି ଯାଇ
ପୁଣାଏ ଲେଖାଏଁ ତାରାଙ୍କୁ ଘୋଷାଡ଼ି ଆଣିବି,
ଚିପୁଡ଼ିବି,
ଦାନ୍ତ ଚିପି, ମୁଠା ଭିତରେ ରଖି
ବିଚାରା ନିରିମାଖି—
ଘଷରା ଗ୍ରାମୋଫୋନ୍ ପିନ୍ ପରି
ଚେଁ ଚେଁ ହେଉଥିବେ ଆଉ
ନିଗିଡ଼ି ଯାଉଥିବ ତାଙ୍କ ଦେହରୁ ରକ୍ତ
ନାଲି, ନେଳି ରକ୍ତର ସୁଅ....

ଓଃ ଏତେ ଶୁନ୍‌ଶାନ୍
କେହି କୁଆଡ଼େ ନାହିଁ
ବହୁତ ଜୋର ଆସୁଛି ହାଇ
ଏ ଲମ୍ବା ରାତି
ଆହୁରି ଏତେ ବାକି !

ତାପରେ ପକେଟରେ ଭର୍ତ୍ତି କରିବି
ସେଇ ମଲା ଜହ୍ନଟାକୁ
ମଲା ତାରା ଗୁଡ଼ାଙ୍କ ସିଠାକୁ
ସେଇ ସିମେଣ୍ଟ ରଙ୍ଗର ବାଦଲ ଗୁଡ଼ାକ ଉପରେ
ଦଳି ଦଳି ନିଶ୍ଚିହ୍ନ କରିଦେବି ।

ତା'ପରେ,
ଗୋଟାଏ ଗୋଡ଼ ଦେବି ସିଢ଼ି ଉପରେ
ଆଉ ଗୋଟାଏ ଗୋଡ଼ ଦବା ଆଗରୁ
ଏଇ ସବୁ ଯାହା ଘଟିଗଲା ତା'ର ସ୍ମୃତିକୁ
ବିସ୍ମୃତିର ଅତଳ ଗର୍ଭକୁ
ମନରୁ କାଟି ଫୋପାଡ଼ି ଦେବି
ଗୋଟାଏ ଅଦରକାରୀ ଆପେଣ୍ଡିକ୍ସ ପରି ।

Digitized by PPRACHIN, SOA

ଇଶ୍, ଏଡ଼େ ଶୁନ୍‌ଶାନ୍ !
କେହି କୁଆଡ଼େ ନାଇଁ
ବହୁତ ଜୋର ଆସୁଛି ହାଇ
ଏ ଲମ୍ବା ରାତି
ଆହୁରି ଏତେ ବାକି !

ବର୍ତ୍ତମାନ ରାତିର ସେଇ ଲମ୍ବାସିଡ଼ି ଛାତିରେ
ଖୁବ୍ ଗୋଟାଏ ତୃପ୍ତିରେ
ଗୋଟାଏ ରୋଲର୍ ପରି
ଗଡ଼ି ଗଡ଼ି
ବେଶ୍ ଆରାମରେ ତଳକୁ ଓହ୍ଲେଇବି ।

ଖୁବ୍ ଜୋର୍ ଆସୁଛି ହାଇ
ତଥାପି ରାତିଟା ସରିନାଇଁ..... ।

—୦୦—

କଟକ
ତା୫।୪।୧୯୬୦

Digitized by PPRACHIN, SOA

ମା, ରମା, ରବର

ମା, ଏକ ନାଁ
ନିଛାଟିଆ ଅନ୍ଧାର ରାତିରେ
କୋକବାୟା ଡ଼ରେଇଲେ
ପାଟିରୁ ବାହାରି ପଡ଼େ, ''ମା...ଆ''
ମା ଏକ ନାଁ ।

ରମା ଏକ ନାଁ
ରମା ଦିନେ ଝୁଅ ଥିଲା
ବଡ଼ ହେଇ ମା ହେଲା
ମା ହେଇ ଭୁଲିଗଲା
ଝୁଅ ବେଳ ନାଁ
ରମା ଏକ ନାଁ ।

ମା ନାଁ, ରମା ନାଁ
ଆଉ ଯେତେ ନାଁ ଭୁଲିବାର
ଭୁଲ୍‌ରେ ମନେ ପଡ଼ିଗଲେ
ପୋଛିପାଛି ଲିଭାଏ ରବର ।

—oo—

ରାହାମା
୧୨।୪।୭୦

Digitized by PPRACHIN, SOA

କୋକେଇ ଉପରୁ ସଂସାର ଦର୍ଶନ

ଆଗେ ମୋର ରାମ୍ ନାମ୍
ମାଇକଡ଼ା ଭାଇ,
ପଛେ ମୋର ଧାଇଁଛନ୍ତି
ଅରକ୍ଷିତ କିଛି
ପଇସା ଗୋଟାଇ ।

ମୋତେ ନେଇ ଢ଼ାଳିଦେବେ
ସ୍ୟାହି ପରି ରାତିର ଅନ୍ଧାରେ
ମାଟିରେ ମୁଁ ସିପିଯିବି
ଅବା ବାଷ୍ପ ହୋଇ
ହଜିଯିବି ଶୂନ୍ୟ ଇଥରରେ ।

ତୁଠକାମ ସରିଯିବ
ଦେହ ଆଉ ଆଖି ସବୁ
ଶୁଖିଯିବ
ଲିଦିର ଜଳରେ
କଣା ଡ଼ଙ୍ଗା ପରି
ବୁଡ଼ିଯିବ ମୋର ଯେତେ—
ସ୍ମୃତି ଧୀରେ ଧୀରେ ।

ମଝିରେ ଚାଲିଛି ମୋର,
କା' ମୋର,
ଆଶ୍ରା ମୋର
ଅଥର୍ବ କୋକେଇ
ମୁଁ ଚାଲିଛି

Digitized by PPRACHIN, SOA

ଶୋଇ ଶୋଇ ଚନ୍ଦନ ଚର୍ଚ୍ଚିତ
ବେଳକରେ ଗଜରାମାଳ
ମୁଁ ଶୋଇଛି ସତେ ଅବା
ରତିକ୍ଲାନ୍ତ ବର ଏକ
ବାସର ରାତିର।

ଏବେ ମୋର ଆଗ, ପଛ
ସବୁ ମିଛ, ସବୁ ଅର୍ଥହୀନ
ସବୁ ମୋର ଦୃଶ୍ୟରୁ ଅନ୍ତର
ଖାଲି ଯାହା ଦେଖାଯାଏ
ସୁନୀଳ ଆକାଶ ଆଉ
ମୋର ଖଣ୍ଡାଧାର-
ନାକ ଚାରିପଟେ
ନୃତ୍ୟରତ
ମୃତ୍ୟୁ ପରି କଳା କଳା
ଗୁଣ୍ଡିମାଛି ଦଳ।

ମୁଁ ଚାଲିଛି ବରବେଶେ
ଦୋହଲି ଦୋହଲି
ଛାଏଁ ଛାଏଁ ମୋ ଦେହରୁ
ଝଡ଼ିପଡ଼େ ଅବିର ଓ ଫୁଲର ପାଖୁଡ଼ା
ଚହଲି ଚହଲି।

ମଶାଣିକୁ ଛୁଇଁବା ଆଗରୁ
ଚହଲି ଚହଲି
ଗୋଟାପରେ ଗୋଟେ
ନାମ, ଧାମ, ଉପାଧି ମୋ
ଯଦି ଏହିପରି
ଝଡ଼ିପଡ଼େ ମଶାଣି ରାସ୍ତାରେ
ଲୋଭ ଆଉ ହେବ ନାହିଁ

Digitized by PPRACHIN, SOA

ଲୁଚାଇବା ପାଇଁ ଏ କଳିଜା
ଜାମୁକୋଳି ଗଛ କୋରଡ଼ରେ ।

ଆକାଶ ହେବ ନି ଆଉ
ମୋ ଛାତି ଉପରେ
ପକ୍ଷୀମେଲି ଖସୁଥିବା
ଚିଲ କି ଶାଗୁଣୀ
ଆକାଶ ହେବ ନି ଆଉ
ଅପରେସନ୍ ଟେବୁଲ୍‌ର ଅଚେତ ରୋଗିଣୀ ।

ମୋର ଏଇ ଶୀତଳ ଶରୀର
ଆଲିଙ୍ଗନ କରିବ ମୋ
ପ୍ରିୟା ପରି ନଇଁ ଆସୁଥିବା
ନିଜ ଏଇ ଉଷୁମ କମ୍ବଳ

ଅବା କର୍ଦ୍ଦମାକ୍ତ ବନ୍ଧ ନିଜ ଜଳୁ
ଉର୍ଦ୍ଧ୍ୱେ ଉଠି ମିଶିଯିବ
ନିଳାକାଶେ
ଏକ ନିଳୋତ୍ପଳ ।

—୦୦—

କଟକ
ମାର୍ଚ୍ଚ, ୧୯୯୦

Digitized by PPRACHIN, SOA

ମୁହୂର୍ତ୍ତର ଚାରିଛକି

ଏମିତି ବି ମୁହୂର୍ତ୍ତ ଆସେ
ଅବଶୋଷ ହୁଏ
ଜୀବନକୁ ଉପଭୋଗ କରିବାକୁ
ଜମା ଗୋଟାଏ ଜୀବନ ଅଛି ବୋଲି ।

ଏମିତି ବି ମୁହୂର୍ତ୍ତ ଆସେ
ହସମାଡ଼େ
ଫୁସ୍ କରି ଜଳିଯାଇ ପାରୁଥିବା
ନିଆଁ ଜଗା ଜୀବନଟା
କୁହୁଳୁଛି ଗୁମୁରି ଗୁମୁରି ।

ଜୀବନ ଏକ ପୂର୍ଣ୍ଣତା
ଯାହା ତା'ର ଅପୂର୍ଣ୍ଣ ଅଙ୍ଗମାନେ
ଗଢ଼ାହେବାର ବହୁ ପୂର୍ବରୁ
ଗଢ଼ା ହୋଇଥାଏ ।

ଜୀବନ ଏକ ଭଙ୍ଗୁରତା
ଯାହା ତା'ର ସଂପୂର୍ଣ୍ଣ ଅଙ୍ଗମାନେ
ଝରିପଡ଼ିବା ପୂର୍ବରୁ
ମଡ଼୍‌ମାଡ଼୍ ଭାଙ୍ଗି ଯାଇପାରେ ।

ଜୀବନ କେବଳ
ସେଇଆକୁ ହାତଧରି ସାଥିରେ ନେଇଯାଏ
ଯାହା ଚଲାବାଟରେ ବାରମ୍ବାର ଆସେ
ମୁହୂର୍ତ୍ତର ଚାରିଛକି ।

Digitized by PPRACHIN, SOA

ଯେଉଁଠୁ ଏକ୍ ସଙ୍ଗେ ଦେଖିହୁଏ
ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ
ମଧ୍ୟାହ୍ନ ଓ ମଧ୍ୟରାତ୍ରୀର ଏକାୟନ।

ଜୀବନ ସେଇଆଡ଼କୁ
ହାତଧରି ନେଇଯାଏ ଆଉ
ଦେଖାଇଦିଏ
ପୂର୍ଣ୍ଣ ଆଉ ପୂର୍ଣ୍ଣାଂଶର
ପରମ ମୈଥୁନ।

—୦୦—

କଟକ
ମେ, ୧୯୯୦

Digitized by PPRACHIN, SOA

ଉତ୍କଳମଣି (ଅଥବା ସେହିପରି ମହାପୁରୁଷମାନଙ୍କୁ)

(ଗୋପବନ୍ଧୁ ଶତବାର୍ଷିକୀ ଉପଲକ୍ଷେ)

ହେ କୁଣ୍ଠିତ ତପସ୍ୱୀ,
ହାଲୁକା ବେଲୁନ୍ ପରି ଆକାଶକୁ ଉଠିଯାଇ ପାରିଥିଲେ
ତମେ ହୋଇଥାଆନ୍ତ ଦେବତା
ବତୀଖୁଣ୍ଟ ପରି
ସ୍ଥିର ହୋଇ ଛିଡ଼ା ହୋଇ ପାରିଥିଲେ
ତମେ ବି ବୋଲାଉଥାନ୍ତ ମଣିଷ ।
ନାଁ ଆକାଶକୁ ଉଡ଼ିଗଲ
ନାଁ ମାଟି ଉପରେ ଥିର୍ ହୋଇ ଛିଡ଼ା ହେଲ
ସେଇଥିପାଇଁ ତ ମହାତ୍ମା !

ଚଟାଣଠୁ କିଛି ଉପରେ
ଆଉ କଡ଼ି, ବର୍ଗାଠୁ କିଛି ତଳେ
ସେଇ ଅଧାସ୍ୱର୍ଗରେ ଉତ୍କଟି ହେବା...
ବାସ୍, ସେଇ ତମର ଉଚିତ ପ୍ରାୟଶ୍ଚିତ ।

ହେ ହାଫ୍‌ଟୋନ୍ ମହାପୁରୁଷ
ଏଇ ଚତୁଷ୍କୋଣୀ ଉଦ୍ଧତ ଖୁଆଡ଼
ଆଉ ତାର ପାଲିସ୍ କାଚ କାନ୍ଥ ଭିତରୁ
ତମର ସ୍ପିଙ୍କ୍‌ସ୍ ଚାହାଣୀ
ଏବଂ ମନୋଲିସା ହସ-
ଦେଖିଲେ ମନକୁ କଣ ଆସେ କହିବି ?

ହେ ଦୁର୍ଲଭ କୃଷସାର,
ଇଚ୍ଛାହୁଏ...
ସୁଆଣ୍ଡୋର ନିଛାଟିଆ ଦଣ୍ଡା ମଝିରେ, ଅଥବା

Digitized by PPRACHIN, SOA

ବିକୃଳ ଖାଉଥିବା ନିର୍ଜନ ବ୍ରାହ୍ମଣୀ କୂଳରେ, ଅଥବା
ସେଇ ଛୁରୀଅନା ବଣର ଗୁହ ପଡ଼ିଆ ଭିତରେ
ପାଇ ଯାଆନ୍ତି କି,
ଗୋଟା ପଣେ ଅକ୍ଷତ, ଛୀଅନ୍ତା
ତମର ଦେହଟାକୁ
ଆଃ...ବିଶେଷକରି ଏଇ ଶତ ବାର୍ଷିକୀ ବର୍ଷ ଭିତରେ
କିଛି ନ ହେଲେ ବି ଯଦି ମିଳିଯା'ନ୍ତା
ସେଇ ଅରିଜିନାଲ୍ ଦାଢ଼ିରୁ କେରାଏ
ସେ ଖଦି କାନିରୁ ଚାଖଣ୍ଡେ
କି ସେ ଟାୟାର୍ ଚପଲରୁ ପଟେ... !

ମୋର ଏଇ ଦିବାସ୍ୱପ୍ନକୁ
ଫାଜିଲାମୀ
ଅଥବା ବ୍ଲାସ୍‌ଫେମୀ
ଯାହାକୁହ,
ମୋର କିନ୍ତୁ ଦୃଢ଼ ବିଶ୍ୱାସ
ଥରେ ଯଦି ବିଚାର କରି ଦେଖିବ,
ଦେଶର ବିଂଶସୂତ୍ରୀ ପୁନର୍ନିର୍ମାଣ ପାଇଁ
ଆଜିର ଜରୁରୀ ଆହ୍ୱାନ
ଥରେ ଯଦି କାନପାତି ଶୁଣିବ,
ତେବେ ବୁଝିବ
ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ଼
ତାକୁ ଭରିବା ପାଇଁ ଯଥେଷ୍ଟ ନୁହେଁ
ତୁମର କେଇ କେଜି ମାଂସ ଆଉ ହାଡ଼
ବରଂ ସେଥିପାଇଁ ଦରକାର ଗଦାଗଦା
ନିଦା ଫରେନ୍ ଏକ୍ସଚେଞ୍ଜ।

ଯାହା ଆଣି ପାରୁଛି ବୁଦ୍ଧଙ୍କ ଦାନ୍ତ,
ହଜରତଙ୍କ ବାଳ,
ବାପୁଙ୍କ ତଉଲିଆ
ଅଥବା ଡ୍ରୋଙ୍ଗ୍‌ରାକ୍‌ର କୋପ୍ରେ।

Digitized by PPRACHIN, SOA

ହେ କ୍ୟାରିଓ ମହାତ୍ମା,
ସତ୍ୟକୁ ପିଠିକରି ଛିଡ଼ା ହୁଅନା
କଡ଼ି, ବର୍ଗା ଉପରକୁ ଆପେ ଆପେ ଉଠିବାର
ଆସ୍ପର୍ଦ୍ଧା କରନା
ଚଳକୁ ଖସିଆସ
ମଣିଷ ହୁଅ ।

ଏବଂ ଯଦି କେବେ
ଉପରକୁ ଯିବାପାଇଁ ଇଚ୍ଛାହୁଏ
ଆମେ ଅଛୁ ।
ଆମେ ଅଛୁ
ତୁମର ସେବାଦାସ
ସ୍ତୁତିଦାସ
ଶତ ଶତ ଗୁଣମୁଗ୍ଧ ମଙ୍ଗଳ ଚଣ୍ଡିଆ ।

ଆମ କାନ୍ଧରେ ଭରାଦିଅ
ଏବଂ ଲମ୍ଫଦିଅ
ଉଠିଯିବ ସଂପୂର୍ଣ୍ଣ ଉପରକୁ
ଭାରଶୂନ୍ୟ ସଂଶୟାତ୍ମା ମହାକାଶଚାରୀଙ୍କର
ସପ୍ତମ ସ୍ୱର୍ଗର
ବହୁତ ଉପରକୁ ।

—୦୦—

କଟକ
ଡ଼ିସେମ୍ବର ୧୯୭୬

Digitized by PPRACHIN, SOA

ଆଗ୍ନେୟ ସୂକ୍ତ

॥ ଓଁ ଅଗ୍ନିମୀଳେ ॥
ଚକ୍ଷୁଜଳେ, କର୍ଣ୍ଣ ଜଳେ
ଜଳେ ଜିହ୍ୱା, ଜଳଇ ଜଠର
ହେ ଅଗ୍ନି ତୁମେଇ ଏକା କାହିଁକି ଶୀତଳ ?

ହେ ଅନଳ, କାହିଁକି ଶୀତଳ ଆଜି
ଏ ଆକାଶ, ଏ ତାରା ଚନ୍ଦ୍ରମା
କାହିଁକି ତୁହିନ ସମ ଝଡ଼ି ପଡ଼େ ଖଣ୍ଡ ଖଣ୍ଡ ଶୀତଳ ଅର୍ଯ୍ୟମା ?

ତୁଷାର ଧବଳ ଏଇ ପତ୍ରପୁଷ୍ପହୀନ—
ଶତ ଶତ ବନସ୍ପତି ଛିଡ଼ା ଏଠି ଯୂପର ସମାନ
ତୁଷାରର ଶାଖା ଆଉ ଅର୍ଦ୍ଧଭୁକ୍ତ ତୁଷାର ପିପଳ
ତୁଷାରର ଦୁଇ ପକ୍ଷୀ (କିଏ ଭୋକ୍ତା—
କିଏ ସାକ୍ଷୀ ? ଜାଣିବା ନିଷ୍ଫଳ)

ଏ ପଟରେ ଦୃଷଦ୍‌ବତୀ, ସେ ପଟରେ ନଦୀତମା ଭରା ସରସ୍ୱତୀ
ଦିଗନ୍ତ ବିସ୍ତାରୀ ଯେହ୍ନେ ବୈଶ୍ୱାନର ପଥ
ହଠାତ୍ ସତେ ସ୍ୱପ୍ନ ହେଲା ନୂପୁର ନିକ୍ୱଣ
କୁଳୁ କୁଳୁ ତାନ
ହିମବତ୍ତୁ ନିଃଶବ୍ଦ ମରଣ
ଛପି ଛପି ଛୁଇଁ ଗଲା ସେ ଜଙ୍ଗମ ଜଳ
ପୂର୍ଣ୍ଣଗର୍ଭା ସ୍ରୋତସ୍ୱିନୀ ନିମିଷକେ ପାଲଟିଲେ ଧବଳ ପଥର ।

ତୃଷାଦୀର୍ଣ୍ଣ, ଦଗ୍‌ଧତୃଣ ବ୍ରହ୍ମାବର୍ତ୍ତ ନିରୁତ୍ତାପ ଆଜି
ନିରବ, ନିଥର
ଦେହ, ଦେହୀ, ସ୍ଥାନ, କାଳ, ଛନ୍ଦ ଆଉ ସ୍ୱର
ସର୍ବେ ଆଜି ଏଠି ହାୟ ଅହଲ୍ୟା ପଥର !

Digitized by PPRACHIN, SOA

ପୂରୁ ପୂରେ
ହିମାଦ୍ରୀର ଶିଖରେ ଶିଖରେ
ଘୂରୁଥିଲା ଯେ ମରୁତ ଅମ୍ବରେ ଅମ୍ବରେ
ଗାଥିନର ମୁକ୍ତପକ୍ଷ ସାମଗୀତି ପରି
ଆଜି ହାୟ ତୁଷାରର ଧବଳ ଉତ୍ତରୀ
ଝୁଲୁଅଛି ଆକାଶରେ ଏ ପାଖୁ ସେ ପାଖ
ନିଷ୍କଳ ନିର୍ମୋକ !

ଏହି ମହାକାଳ
ଅଧଃ ଊର୍ଦ୍ଧ୍ୱ ବ୍ୟାପୀ ସତେ
ଶ୍ୱେତ ଏକ ପ୍ରକାଣ୍ଡ ମାର୍ଜାର
ସୃଷ୍ଟିରେ ଆନନ୍ଦ ପାଏ
ପୁଣି ଚାଟି ସନ୍ତର୍ପଣ ପାଦ
ଧବଳ, ଶୀତଳ
ନିଜର ଶିଶୁକୁ ନିଜେ ଅବିଳମ୍ବେ କରଇ ଆହାର
ଅବା ଏକ କାଳ ସର୍ପପରି
ନିଜ ଲାଞ୍ଜ ନିଜେ ଗିଳି ହୁଏ ବୃତ୍ତାକାର
ଆଦିଅନ୍ତ ହୀନ
ଜନ୍ମରୁ ସତେ କି ଖାଲି ଖୋଜୁଥାଏ
ନିଜ ଗର୍ଭେ ହେବାକୁ ବିଲୀନ ।

ହେ ପାବକ
ରକ୍ଷାକର ଆଜିର ଏ ସୁଦୀର୍ଘ ଅଧ୍ୱର
ରକ୍ଷାକର ହେ ଦେବ ଅଗ୍ରଣୀ
ତୁଷାରିତ ହବିର୍ଧାନ, ତୁଷାରିତ ସମିଧ ଅରଣୀ
ତୁଷାରିତ ଶୂନ୍ୟ ତପୋବନ
ଜଳ, ସ୍ଥଳ, ଗଗନ, ପବନ
ପରୋପ୍ତା, ଉଦ୍ଗିତା ଏଇ କୁଡ କୁଢ଼ ଶବେ ଆଜି ପୂର୍ଣ୍ଣ ।

ହେ କ୍ରବ୍ୟାଦ, ସର୍ବଭୂକ୍
ନିବେଦୁଛୁ ଏଥୁ ରକ୍ଷାକର
ଅବାକର ଆଉଥରେ ଖାଣ୍ଡବ ଦହନ ।

Digitized by PPRACHIN, SOA

ଅସହ୍ୟ ଏ ଶୀତ ପ୍ରଭୁ
ଅସହ୍ୟ ଏ ଶୀତଳ ଜୀବନ
ଘୋଡ଼ି ହେବା ପାଇଁ ବରଂ
ମିଳୁ ହାତେ କବୋଷ୍ଣ ମରଣ।

ନୋହୁ ଆମେ ମଧୁଚ୍ଛନ୍ଦା
ନାହିଁ ଆମ ହୋତା ଅବା ଅଧ୍ୱର୍ଯ୍ୟୁ, ଉଦ୍‌ଗାତା
ବିଶ୍ୱତନ୍ତ୍ର ପରି ଆଜି ଋତ୍ୱିକ ଓ ଯଜମାନ ସବୁ ଆମେ ଏକା

ପୁରୋହିତ ରୂପେ ଆମେ କାହାକୁ ବା କରନ୍ତୁ ବରଣ
ମିଶ୍ୱାମିତ୍ର, ବଶିଷ୍ଠ ବା ଭରଦ୍ୱାଜ ଅବା ବୃଷଯାନ ?
କିଏ କହେ 'ଆମ୍ଭେ ଅଟୁ ଉଦ୍‌ଗାତା ପ୍ରବର'
'ଏକମାତ୍ର ଋଚଗାଥ' ବୋଲି ପୁଣି ପ୍ରଚାର କାହାର
'ସ୍ୱୟଂକବି, ମନ୍ତ୍ରକୃତ୍' ଦାବୀକରେ କିଏ
'ତ୍ରିକାଳଜ୍ଞ' ବୋଲି ନିଜ ନାମେ
କିଏ ପୁଣି ଦୁନ୍ଦୁଭି ବଜାଏ
କିଏ କହେ ମୁଁ 'ଯେ ଯାତୁ-ଧାନ
କର୍ମକାଣ୍ଡ ସଂକ୍ଷିପ୍ତ ମୋ
ନିମିଷକେ ଯଜ୍ଞ ଫଳ ପାଏ ଯଜମାନ'।

ସେମାନେ ଯେ ତାଙ୍କୁ ତାଙ୍କୁ ବଳି
ମହା ମହିରୂହ
ଆମେ କ୍ଷୁଦ୍ର ଅରଣ୍ୟ ଯବସ
ସେମାନେ ଆଗ୍ନେୟ ଗିରି
କ୍ଷୀଣତନୁ ଆମେ ଯେ ଅତସ।
ଜୀବନ୍ମୁକ୍ତ, ସ୍ୱପ୍ନମୁକ୍ତ ସେମାନେ ଯେ ଅସନ୍ଦିଗ୍ଧ ଜ୍ଞାନ ସୌଦାଗର
ପାପଦଗ୍ଧ, ସ୍ୱପ୍ନାବଦ୍ଧ ଆମେ ଛାର, ଆମେ ଅବତାର
ଅସଂଖ୍ୟ ପ୍ରଶ୍ନର।

ଯେ ପକ୍ଷୀ ପାଇଛି ନୀଡ଼ ତାକୁ ଆମ ଦୂରରୁ ଜୁହାର
ଅଭିଶପ୍ତ ବଦ୍ଧଜୀବ ଆମେ ଜାଣୁ ଖାଲି ଉଡ଼ିବାର
ମୃତ୍ୟୁଧର୍ମା ଆମପାଇଁ ସବୁ କିଛି ଅଟଇ ଭଙ୍ଗୁର
ଶାଶ୍ୱତ କେବଳ ଅଟେ
ଏ ଏଷଣା

Digitized by PPRACHIN, SOA

ଖୋଜିବାର, ନୁହେଁ ପାଇବାର।
ଖୋଜିବୁ, ପାଇବୁ ପୁଣି ହଜାଇବୁ ପୁଣି ଯେ ଖୋଜିବୁ
ପ୍ରଶ୍ନର ଆବର୍ତ୍ତେ ପଡ଼ି ଜୀବନକୁ ପ୍ରଶ୍ନେ ହଜାଇବୁ
ଯେସନ ନିର୍ବୋଧ—
ଶିଶୁ ସଦା ଅତୃପ୍ତ, ଅବୋଧ।

ସତ୍ୟ ନୋହୁ ଆମପାଇଁ ପ୍ରଭୋ
ନିରାପଦ ନିଶ୍ଚଳ ଆଳୟ
ସତ୍ୟ ନୋହୁ ମେଘନାଦ ଅଚଳ ପ୍ରାଚୀର
ଦିଅ ପ୍ରଭୁ ସୁବିସ୍ତୃତ ସତ୍ୟ-ଦିଗ୍‌ବଳୟ।

ନୁହେଁ, ନୁହେଁ, ନୁହେଁ ପ୍ରବ୍ରଜନ
ଟିକି ଚଢ଼େଇଟି ପରି ଟିକିଏ ପାଣିରେ
ଆମେ ଚାହୁଁ ପୂର୍ଣ୍ଣ ନିମଜ୍ଜନ।
ଏଣୁ ଆଜି ଆମେ ଯଜମାନ, ଆମେ ହିଁ ଯାଜକ
ଆବାହନ କରୁ ଆସ ଦେବ ପୁରୋହିତ
ହେ ଅଗ୍ନି, ପାବକ।

ବ୍ରତପତେ, ଆହେ ଦେବ ନିତ୍ୟ ପୁରାତନ
ପ୍ରଜ୍ଞାହୀନ, କର୍ମକାଣ୍ଡହୀନ, ଆଚାରବିହୀନ
ଆମେ ବ୍ରାତ୍ୟ, ନିନ୍ଦିତ, ପତିତ
ତଥାପି ସାହସବାନ୍ଧି କରିଅଛୁ ବ୍ରତ
ଲୋଡ଼ାନାହିଁ ଅପବର୍ଗ,
ଲୋଡୁନାହୁଁ ପ୍ରଜା, ଆୟୁ, ଯଶ, ମୁକ୍ତି, ରଥ, ଗଜ, ଗାଭୀ
ନୁହଁଇ ପ୍ରାର୍ଥନା ଆମ ଦୃତ ପ୍ରାୟେ ବହି ନେବାପାଇଁ
ଦେବଗଣେ ହବିଃ

ପ୍ରାଣ ଏ ବାୟୁରେ ଲୀନ, ଚକ୍ଷୁ ସୂର୍ଯ୍ୟେ ଲୀନ
ହେବାର ଆଗରୁ ପ୍ରଭୁ ହେଉ ଯେ ବିଲୀନ
ଆମର ଏ ବିଲୟର ଭୟ
ତୁଷାରିତ ବାକ୍ ଆମ ଥରେ ସ୍ଫୂର୍ତ୍ତ ହେଉ
ତୁଷାରିତ ଏ ହୃଦୟ ଥରେ ମୂର୍ତ୍ତ ହେଉ
ଆହେ ବରାଭୟ।

Digitized by PPRACHIN, SOA

ବଡ଼ବାଗ୍ନି, ଦାବାଗ୍ନି ଅବା ବ୍ରାହ୍ମାଗିର ସେହି ଧୂମ୍ରଜଟି ।
ଲେଲିହାନ ସପ୍ତଜିହ୍ୱା ଅଥବା ଦ୍ୱିମୁଖ
ପାରିବୁନି ଭରି
ସାମିଧେନୀ ଅନୁବଚନ ଯେ ଜାଣୁ ନା ଉଚ୍ଚାରି
ନୋହୁ ଆମେ ଋତ୍ୱାର ଋତ୍ୱିକ, ନୋହୁ ରାଷ୍ଟ୍ରଗୋପ
ପାରିବୁ କେସନେ ତୋଷି ତୁମର ସେ ମହା ବିଶ୍ୱ-ରୂପ
ଦର୍ଭ, ଘୃତ, ଯବାଗୁ ବା ସୋମ
ନାହିଁ ଆମ ଉପଭୃତ, ଜୁହୂ, ଉପଯାମ
ନାହିଁ ଯଜ୍ଞବେଦୀ
ରଖିଛୁ ସମ୍ପାଦିଷାଲି
କ୍ଷୀଣତନ୍ତୁ ମାଟିର ପ୍ରଦୀପ
ବିରହିଣୀ ସ୍ୱାହା ପରି ଯା' ଅନ୍ତରେ ସଦା ଜାଗରୂକ
ପ୍ରଣୟାର୍ଦ୍ର ଅସୀମ ପିପାସା ।
ସ୍ୱାହାପରି ଅନିବାର ତା'ର ଅଗ୍ନିତୃଷା
କର ନିବାରଣ
କରୁ ଭିକ୍ଷା କରୁଛୁ ଜଣାଣ
ଅବତର ପ୍ରଭୁ
ହୋଇ ଏକ କ୍ଷୀଣ, ଖର୍ବ ଶିଖା
ହିମ, ବର୍ଷା, ତୁଷାର, ଝଟିକା
ସବୁ ସହ୍ୟକରି
କ୍ଷୀଣ କିନ୍ତୁ ସ୍ପଷ୍ଟ, ସ୍ୱଚ୍ଛ ଆଲୋକର ବାରି
ଖର୍ବ କିନ୍ତୁ ସଦା ଉର୍ଦ୍ଧ୍ୱବାହୁ
ଜ୍ୟୋତି ତରବାରୀ ।
ପୂର୍ଣ୍ଣରୁ ସଦା ପୂର୍ଣ୍ଣ ନେଇ
ଯାହା ସଦା ଅପୂର୍ଣ୍ଣ ରହଇ
ସେହି ଜ୍ୟୋତି ହେଉ ଆମ ପାଥେୟ ଆଗାମୀ
କର ଦୟା, କର ଦୟା ସ୍ୱାମି
ଇଦମହମନୃତାତ୍ ସତ୍ୟମୁପୈମି ।
ଇଦମହମନୃତାତ୍ ସତ୍ୟମୁପୈମି
ଇଦମହମନୃତାତ୍ ସତ୍ୟମୁପୈମି ॥

—୦୦—

କଟକ
ଅଗଷ୍ଟ ୧୯୭୯

Digitized by PPRACHIN, SOA

ଧୂମାବତୀ

ମୁଁ ତାହାକୁ ଖୋଜିନାହିଁ ବିଦିଶା ନଗରେ
ଲବଙ୍ଗ ଦ୍ୱୀପରେ ଅବା ନୀଳନଦୀ କୂଳେ
କାରଣ ସହଜଭାବେ ପ୍ରାୟ ପ୍ରତିଦିନ
ତା ସଙ୍ଗରେ ଭେଟ ହୋଇଯାଏ
ବାଲୁ ବଜାରରେ ।

ମନଦୁଃଖ ହେଲେ ରାଜଜେମା
ବଜାନ୍ତି ସୀତାର
ସିଏ କିନ୍ତୁ ରାମ୍ପେ ବସି ତା'ର
କୋରଗାତ ମଇଁଷିଆ ଯାଦୁକୁ ସଜୋରେ
ଆନନ୍ଦ ମିଳଇ ଯେଣୁ ରକ୍ତ ଝରିବାରେ ।

ଚିତ୍ରରଥ କବଳରୁ ସଚି ରାଉତରା
ଯା'କୁ ଉଦ୍ଧରିଲେ
ଗୁରୁ ମହାନ୍ତିଙ୍କ ଢ଼ିଲା ପାଇଜାମା
ଅମରା ବତୀରେ
ଗର୍ଭବତୀ ସିଏ ହୋଇଥିଲା
ରମାକାନ୍ତ ରଥଙ୍କ ବହିରେ ଅବା
କଲେଜର ପରିସ୍ରାଗାରରେ
ଯେ ଝିଅର ନାମ ଲେଖା ଥିଲା

ସାହାଲ ସାହାଲା ଶାଢ଼ୀ
ବ୍ଲାଉଜ ଓ ବ୍ରା-ଆ'ର
ଅଳିନ୍ଦ, ଦେହଳୀ ଟପି
ଯା'ର ଅନ୍ତଃପୁର
ଠାବ କରାହୁଏ
ଏ ନୁହେଁ ସେ, ଏ ନୁହେଁ ଏ ନୁହେଁ ।

Digitized by PPRACHIN, SOA

ବିବସନା, ସେ ରହସ୍ୟହୀନା
ଉଡ଼ି ଯାଉଥିବା ଏହି ଖଲିପତ୍ରପରି ।

ଉଲଗ୍ନ ଏ ମହାବିଦ୍ୟା, ଅଯୋନୀ ସମ୍ଭବା
ନାହିଁ ନାମ, ନାହିଁ ବି ଠିକଣା
କାହୁଁ ସେ ଆସିଲା ପୁଣି କାହିଁ ଯିବ
ନାହିଁ କାରେ ଜଣା

ନର୍ଦ୍ଦମା ଦାଢ଼ରେ ବସି ପତର ଗଦାରୁ
ପଲଉ ମାଉଁସ ସିଏ ଖୁଣ୍ଟୁଥାଏ
ଅବା ଏକ କୁତି ପରି କା' କାନ୍ଥ କଡ଼ରେ
ଠିଆ ଠିଆ ମୁତୁଥାଏ, ଅବା
ଡଷ୍ଟବିନ୍ ପେଟକୁ ଆଉଜି
ହାଓ୍ଵା ଖାଉଥାଏ ।

ଆକାଶରେ ପଡ଼େ ଯେବେ ରାତିର ସଟର
ନିଶବଦ ହୁଏ ଯେବେ ଶହର ବଜାର
ସର୍‌ମନ, କୀର୍ତ୍ତନ ସବୁ ଯେବେ ଇଥରେ ମିଳାଏ
ପାଦ ତାର ଚାଲେ ଗେଣ୍ଡାପରି
ଘୁଷୁରି ଘୁଷୁରି
କିଲଟରୀ ବରଗଛଯାଏ

ଛକ୍ ଲଗା ଟିଣ ଡ଼ବା, ଚେପ୍‌ଟା ଟାଟିଆ
ଏବଂ ତା'ର ଦଦରା ଯୋନିକୁ
ଗଛମୂଳେ ପିଙ୍ଗିଦେଇ ଫାଁ ଗାଳି
ପଡ଼ିଯାଏ ନିଘୋଡ଼ ନିଦରେ
ତାପରେ ଆସିଲା କିଏ ଅବା କିଏ ଗଲା
ପଇସା କିଏ ସେ ଦେଲା ଅବା କିଏ ଛତର ଖାଇଲା

Digitized by PPRACHIN, SOA

ସେ ରଖେନି ସେ ସବୁର ହିସାବ ନିକାଶ
ନିର୍ଜୀବ ସୁଡ଼ଙ୍ଗ ପରି
ପଡ଼ି ରହି କାନ ପାରିଥାଏ
କେତେବେଳେ ରାତି ହେବ ଶେଷ।

ରାତିପରେ ରାତି ଆସେ
ଦିନପରି ରାତିହୁଏ ଶେଷ
ଦିନ ଆଉ ରାତିର ଅନ୍ଧାର
ଠେଲା ପେଲା ଲାଗେ
କିଏ ହେବ ଆଗ ସୁନା ପାଗ
ଯେଉଁ ପରି ଦାତାରାମ୍ ଧରମ ଶାଳାରେ
ଠେଲି ପେଲି ଲାଇନ୍‌ରେ ଆଗେ ଠିଆ ହେଲେ
ସକାଳ ବଇନି ତା'ର ହୋଇଥାଏ
କିଛି ଡ଼ାଲ୍‌ମା, କିଛି ଖେଚଡ଼ିରେ।

ପେଟ ପୁରିଗଲେ ପୁଣି
ଡଷ୍ଟବିନ୍ ପେଟକୁ ଆଉଜି
ଦେଖେ ସିଏ ପୃଥିବୀର ଖେଳ
ତା' ଆଖି ପୁଅରେ ପଡ଼େ
ଯେତେ ଛବି
ଗଛ ବୃଛ, ମଣିଷ, ମଟର
ତା' କାନରେ ପଡ଼େ ଯେତେ
ଉପାଦେୟ ଭାଷଣ, ଚିତ୍କାର
ଉଲ୍କାପରି ତା' ଭିତରେ ଲମ୍ଫ ଦିଏ,
ତା ଭିତର ଅଜଗର ଅଟଳ ଅନ୍ଧାର
ଆଖି ପିଚୁଳାକେ ଚାଟିଦିଏ
ସବୁ ଦୃଶ୍ୟ, ସବୁ କୋଳାହଳ।

ଶ୍ୱେତାଙ୍ଗ ଟୁରିଷ୍ଟ କେହି
ଯଦି ତା'ର ଫଟୋ ଡୋଳି ନିଏ
ହାତେ ଧରି ନୋଟ୍ ବହି

Digitized by PPRACHIN, SOA

କେହି ଯଦି ଜାଣିବାକୁ ଚାହେଁ
ପୂର୍ବଜନ୍ମେ ସେ ଥିଲା କି ପ୍ରତିମା ନାୟକ
ଅବା ଥିଲା କ୍ରୀତଦାସୀ ରୋମ୍ ନଗରୀର
ଟେପ୍ ରେକର୍ଡ଼ର୍ ଧରି କେ ଯଦି ପଚାରେ
ଦାରିଦ୍ର୍ୟ ଓ ଭିକ୍ଷାବୃତ୍ତି ଉପରେ ତା'ମତ
ହଳଦିଆ ଅଘଷା ଦାନ୍ତକୁ
ଖୁଣ୍ଟୁ ଖୁଣ୍ଟୁ ସିଏ ହସିଦିଏ
ଏବଂ ଲମ୍ବିଆସେ ଧରାବନ୍ଧା ସଂକ୍ଷିପ୍ତ ଉତ୍ତର
ଧରାବନ୍ଧା ଗୋଟିଏ ଫର୍ମାୟସ୍
''ବାବୁ, ଭାତ ଦିଅ,
ନଇଲେ ଗୋଟାଏ ଦଶ।''

ସେଇ ତାର ଫରମାୟସ୍, ସେଇ ଫରିଆଦ୍
ସେଇ ତାର ଷ୍ଟେଟ୍‌ମେଣ୍ଟ, ସେଇ ପ୍ରତିବାଦ
ସେଇ ତାର ପ୍ରଶ୍ନ ଆଉ ସେଇ ତା ଉତ୍ତର
ସେଇ ତା ଯାଚଞ୍ଜା ପୁଣି ସତେ ଅବା
ଜନ୍ମ-ଅଧିକାର।
ସେଇ ତା'ର ଏକମାତ୍ର ପ୍ରେମ, ସ୍ୱପ୍ନ
ଏକଇ ସ୍ଲୋଗାନ୍
ସିଏ ନୁହେଁ ବାଗେଶ୍ୱରୀ ଅବା ଶାକମ୍ଭରୀ
ସିଏ ଧୂମାବତୀ

ସାଧୁ ସାବଧାନ।

—oo—

କଟକ
ତା ୧।୪।୭୮

Digitized by PPRACHIN, SOA

ଦାରୁ

ଆକାଶରୁ,
ଝଡୁଥିଲା ଫିକା ଜହ୍ନର
ସଫେଦ୍ ଅଳନ୍ଧୁ
ତଳେ ମହାସିନ୍ଧୁ । ନିସ୍ତରଙ୍ଗ
ଝାପ୍‌ସା ଝାପ୍‌ସା ଅନ୍ଧାର,
ଢେଉ-ମଇଳାର ଫେଣ,
ଝାଉଁ ବଣରେ ଲାଞ୍ଜପିଟି
ଗଡୁଥିବା ମୁମୂର୍ଷୁ ପବନ, ଗୁଳିବିଦ୍ଧ
ସମୁଦ୍ରର ଅନ୍ତିମ ଗର୍ଜନ
ଆଉ ସମୁଦ୍ର ମଝିରେ
ଭାସମାନ,
ସେଇ କୃଷ୍ଣକାୟ ଦାରୁ ।

କୃଷ୍ଣକାୟ
ସେଇ ଶବର ରଜାର
ମୃତ ଶରୀର
ଦାରୁ ।
ମୃତ ପରମେଶ୍ୱରଙ୍କ କୁଇର
ଦରପୋଡ଼ା ଦାରୁ
ଅଥବା
ବଢ଼ି ପାଣିରେ ଭାସି ଆସିଥିବା
କାହା ଘରର ମଝିଖୁମ୍ବ ।

ଶାଖାହୀନ, ସଖାହୀନ,
ଚେରଶୂନ୍ୟ ଅଥର୍ବ ଦାରୁ

Digitized by PPRACHIN, SOA

ଭିତରେ ଯା'ର ମୃତ
ଓଦା ମଞ୍ଜ
ଓଦା ମୃତ ଶିରା
ଓଦା ମୃତ ଫେଣ, ଶାମୁକାର
ଟାଣ ଆସ୍ତରଣ ।

ସବୁ ଶୁପ୍ତ, ସବୁ ମୃତ
ଏକା ଘୁଣପୋକ ଛଡ଼ା
ସବୁ ଅନ୍ଧାର, ସବୁ ନିଶ୍ଚଳ
ଏକା ଜହ୍ନର ଅଜାଡ଼ୁ ଛଡ଼ା
ସବୁ ନିର୍ବାକ, ସବୁ ନିରୁତ୍ତାପ
ଏକା ଝାଉଁ ବଣର ଦୀର୍ଘଶ୍ୱାସ ଛଡ଼ା
ସବୁ ତରଳ, ସବୁ ବହମାନ
ବାକି ଖାଲି
ଏଇ ଭାସମାନ
ଦାରୁ ।

ଘୁଣଖିଆ
ଦାରୁ
ଫିକା ଜହ୍ନର
ଦାରୁ
ଝାଉଁବଣର
ଦାରୁ
ତରଙ୍ଗ, ନିସ୍ତରଙ୍ଗ
ଦାରୁ
ସ୍ଥାବର, ଭାସମାନ
ଅଥର୍ବ ଦାରୁ ।

ହେ ଦୁର୍ଦ୍ଦଣ, ନମସ୍କାର କର
ତୋର ସବୁ ଗର୍ଜନ

Digitized by PPRACHIN, SOA

ସବୁ ଦୀର୍ଘଶ୍ୱାସ
ସବୁ ଅଜସ୍ର,
ଖଣ୍ଡ ଖଣ୍ଡ ଝଡ଼ି ପଡ଼ୁଥିବା
ତୋ'ର ଘୁଣଖିଆ
ଅଙ୍ଗର କଫିନ୍
ତୋର ନିହତ ପୌରୁଷର ମମି
ଏଇ ଦାରୁ

ଅପୌରୁଷେୟ ଅଯୋନିସମ୍ଭବା
ପୁରୁଷୋତ୍ତମ
ଏଇ ଦାରୁ ।

ହେ ଜରତ୍କାରୁ, ବିଶ୍ୱାସ ରଖ୍
'ଅଛି-ଅସ୍ତି', 'ଅସ୍ତି-ଅଛି',
ହେ, ଶବର, ଭରସା ରଖ୍
ସାପକ୍ଷୀ ଫେରିବ ତୋ ଘର,
ହେ ଧୀବର, ତୋଳି ଆଣ୍
ଛାଣି ଆଣ୍,
ହେ ବିଶ୍ୱକର୍ମା,
ଲଗା ତୋ ନିହାଣ,

ଚିଦ୍‌ରୂପ, ବିଭଙ୍ଗ କର
ତାକୁ ବିଭକ୍ତ, ବିନ୍ୟାସ କର

ବିପ୍ରବୁଦ୍ଧ କର୍ ।

ତେନ ଗଚ୍ଛ ପରସ୍ତରମ୍ ।

—oo—

କଟକ
ମାର୍ଚ୍ଚ ୧୯୮୧

Digitized by PPRACHIN, SOA

ସ୍ମୃତି - ୧

ପଛକୁ ବୁଲି ଚାହିଁବା ଅସମ୍ଭବ
ଆଗକୁ ଉହୁଙ୍କି ଚାହିଁବା ଅସମ୍ଭବ
ତୋ'ର ସ୍ମୃତି ମୋ ପାଇଁ
ଏକ ସୀମାହୀନ ବର୍ତ୍ତମାନ
ଏକ ଅସହ୍ୟ ଆତଙ୍କ ପରି
ନଛୋଡ଼ ବନ୍ଧା ବର୍ତ୍ତମାନ ।

ତୋ'ର ସ୍ମୃତି
ଏକ ନିଃଶବ୍ଦ ଭୀମ ରଡ଼ି
ସାମ୍ନାରେ ବସିଥିବା ବାଘସହ
ଆଖିର ଲଢ଼ାଲଢ଼ି ।

—oo—

କଟକ
ଅଗଷ୍ଟ, ୧୯୯୦

Digitized by PPRACHIN, SOA

ଆତ୍ମହତ୍ୟା କରିବାର ଏକ ସୂକ୍ଷ୍ମ ଉପାୟ

ଗଛଟିଏ ହେଇ ପାରିବ ?
ବରଗଛଟିଏ ?
ଯେଉଁଥିରୁ ଖାଲି ଉପରକୁ ଗୋଡ଼ ଟେକି
ବାଦୁଡ଼ିମାନେ ଓହଳି ନଥିବେ
ତଳକୁ ଗୋଡ଼ କରି
ଓହଳମାନେ ବି ଝୁଲୁଥିବେ ।

ଫାଶୀଦିଆ ବରଗଛହିଁ ଜାଣେ
ଆତ୍ମହତ୍ୟାର ସୂକ୍ଷ୍ମ ଉପାୟ
ଶୂନ୍ୟରୁ ଝୁଲୁଥିବା ପାଦମାନେ ଯେଉଁଠି
ଛଟପଟ ହେଉଥାଆନ୍ତି,
ମାଟି ଆଡ଼କୁ
ଓଟାରି ହେଉଥାଆନ୍ତି,
ଚେରବାନ୍ଧି
ଗୋଟିଏ ଗୋଟିଏ
ଗଛ ହେବାକୁ ।

—୦୦—

କଟକ
୭।୨୮।୯।୯୦

Digitized by PPRACHIN, SOA

ସ୍ମୃତି —୨

ସ୍ୱପ୍ନସବୁ ଠକ୍‌ଠାକ୍ ଟଳି ପଡୁଥିଲେ
ଯେଉଁପରି ଜରାନିବାସରେ
ଚାଲିଯା'ନ୍ତି ଡ଼କାଡ଼କି ହୋଇ
ବୁଢ଼ାମାନେ ଗୋଟା ପରେ ଗୋଟେ।

ସ୍ୱପ୍ନ ସବୁ ଥପ୍ ଥପ୍
ଛଡ଼ି ଯାଉଥିଲେ
ଯେଉଁ ପରି ଦାମୀ ତେଲ
ଫୁଟା କେଉଁ ରେଳ ୱାଗନରୁ
ନିଛାଟିଆ ସୀମାହୀନ ରେଳ ଧାରଣାରେ।

ଉପରକୁ ଉଠୁଥିଲେ
ଅସହାୟ ହାତ ସବୁ
ଛତୁ ହୋଇ ଛିଣ୍ଡା ଅଖା
ପାଳଗଦା, ଘୁଣଖିଆ
କାଠ ଫାଟେଳରୁ।

ନିଃଶବ୍ଦ ଏ ନିଃଶେଷ ରାତିରୁ
ଶେଷ ବୁନ୍ଦା ଥପ୍ କରି ଝରି ପଡୁଥିଲା
ଝରି ପଡୁଥିଲା ହୋଇ
ସଫେଦ୍ କାକର
ଛତୁ ପରି
ଛନ୍ ଛନ୍
ମୁଲାୟମ୍ ସଫେଦ୍ ହସର
ସଫେଦ୍ କାକର।

—oo—

କଟକ
୩।୧।୧୨।୯୦

Digitized by PPRACHIN, SOA

ମିଛୁଆ ଗାଈଆଳ ଟୋକା
ମଲା ପୂର୍ବରୁ ଗାଇଥିବା ଗୀତ

ଗାଈକୁ ମୋ ବାଘ ନେଇଗଲା—ବାଘ ନେଇଗଲା— କିଏ ଅଛ—
ରକ୍ଷାକର— ରକ୍ଷାକର— ଧାଇଁ ଆସ ବୋଲି
ଚୁରି ପକାଇଲି । ଠେଙ୍ଗା, ବାଡ଼ି, ଭାଲା, ବର୍ଚ୍ଛା ଧରି
ଆସିଥିଲ ଗାଁ ସାରା ଉଠି
ଦୁଇ ଦୁଇ ଥର
ଧନ୍ୟବାଦ ।
ଧନ୍ୟବାଦ ।। (ଘୋଷା)

ଏଥର ବା ଆସନ୍ତ କିପରି
ଯେତେବେଳେ ମୋର ଅପବାଦ
ବଗୁଲିଆ, ମିଛୁଆ ମୁଁ ଭଣ୍ଡାଉଛି ଏଠି ଛଟାଗାଳି ।

ଭଲ କଲ, ଭଲ କଲ
ନ ଆସିଲ ଭଲ କଲ
ଏବେ ମୋର ଇଚ୍ଛା ପୂର୍ଣ୍ଣ ହେଉ
ବାଘ ମୋତେ ଖାଉ ।

ମିଛେ ଚୁରି ପକାଇଲି
କାରଣ ମିଛରେ
ଆତଯାତ ମାୟାବୀ ଈଶ୍ୱର
ମିଛେ ଆତଯାତ ବ୍ରହ୍ମା
ବିଶ୍ୱକର୍ମା ପୁଣି

Digitized by PPRACHIN, SOA

ଯେତେକ ଆବର
ଗଢ଼ନ୍ତି, ଫାନ୍ଦନ୍ତି ଅବା ମୁହେଁ ରଙ୍ଗବୋଳି
ବୋଲାନ୍ତି ଈଶ୍ୱର।

ସଂସାରଟା ଛଟାଗଳା
ମିଛବାଘ, ମିଛ ଗାଈ, ମିଛରେ ଚିତ୍କାର।
ସଂସାରଟା କୁତୁରୁ କାଳିଆ
ବୁନ୍ଦ୍ ବୁନ୍ଦ୍ ଠୋଠା ସୁଖ କ୍ଷଣକର।
କ୍ଷଣିକ ଆନନ୍ଦ ପାଇଁ ଈଶ୍ୱର ଗଢ଼ନ୍ତି
ସଂସାର କାକର
ଠିକ୍ ଯେଉଁପରି
ଈଶ୍ୱରଙ୍କୁ ଗଢ଼ିଥାଏ
ବାଉଁଶରେ ନଡ଼ାବାନ୍ଧି
ମାଟି କାରିଗର।

ପାଇବାକୁ ହାତତାଳି ଅବା ଦେଖିବାକୁ ମଜା
ଲୀଳାମୟ କରିଥାନ୍ତି ଲୀଳା
କେହି କେହି ହାତେ ଧରି
ବାଦ୍ୟ ଅବା କଲମ, ନିହାଣ
ନାଚିଥାନ୍ତି ହୋଇ ଗୋଟିପିଲା।
ଈଶ୍ୱରଙ୍କ ପରି ମୋତେ ଲାଗିବାରୁ ଏକା
ଶୁନ୍‌ଶାନ୍ ଜଙ୍ଗଲରେ
ନାଟ କରିଥିଲି
ଗାଈକୁ ମୋ ବାଘ ନେଇ ଗଲା.... ଧନ୍ୟବାଦ।

ଏବେ କିନ୍ତୁ ଧର୍ମଛାଡ଼
ଭାରି ବ୍ୟସ୍ତ ଲାଗେ
ଭାରି ବି ଚିକ୍କଟା
ଛଟାଗଳା, ଭେଲ୍କି ଓ ଭାନୁମତି ଖେଳର ପୃଥିବୀ
ପ୍ରପଞ୍ଚର ମାୟାମଞ୍ଚ ଚୁନ୍‌ଚୁନା କରି

Digitized by PPRACHIN, SOA

ପରସ୍ତ ପରସ୍ତ ରାତି ବନସ୍ତ ପହଁରି
ମୁଁ ଉଠୁଛି ପର୍ବତ ଶିଖରେ
ଆଉ ଥରେ।

ସାଥିରେ ମୋ ଧେନୁ ନାହିଁ
ହାତେ ନାହିଁ ପାଞ୍ଚଣ ବନ୍ଧୁକ
ମୁଖେ ମୋର ଶବ୍ଦ ନାହିଁ
ଖପୁରୀରେ ନାହିଁ ବି ନାଟକ।

ଆଜି ମନ ଛଟପଟ
ଛୁଇଁବାକୁ ପର୍ବତର ଚୂଳ
ଯେଉଁଠି ଅପେକ୍ଷା କରେ
ସତ ବାଘ
ବାଘର ସେ କ୍ଷୁଧିତ ଗହ୍ୱର॥

ପର୍ବତରେ ଯାହା ମିଛ
ଗାଆଁକୁ ତା ଲାଗୁଥିଲା ସତ
ପର୍ବତରେ ଯାହା ସତ, ହାୟ
ଗାଆଁକୁ ତା ମିଛ ଅପ୍ରମିତ

ଭଲକଲି, ଭଲ ହେଲା, ଭଲ କଲ
ଗାଈକୁ ମୋ ବାଘ ନେଇ ଗଲା.....ଧନ୍ୟବାଦ।

ଉଠୁ ହାଟ,
ଖୁଚୁରା ବଜାର
ଖୁଚୁରା ଈଶ୍ୱର ଯହିଁ
ରଚୁଥାନ୍ତି ଖୁଚୁରା ସଂସାର
ଫୁଲ ଗଛ ମରୁ ପଛେ
ଗପ ଆଜି ସରୁ
ସରୁ ଗପ ଆଗ

Digitized by PPRACHIN, SOA

ଝଡ଼ି ପଡୁ ଫଡ଼ା ଫଡ଼ା ଚିତ୍ରବାଘ
ଟୁଆଁ ଟୁଇଁ ବାଘ ।

ନିର୍ବାକ ଏ ପର୍ବତ ଶିଖରେ
ଦୂରନ୍ତ ଏ ଭୀମରଢ଼ି
ହୋଇଥିବ ଯଦି ସିଏ ସତ
କରୁ ଆତ୍ମସାତ
ମୋର ଏଇ ମିଛ ହୁରି
ମିଛ ନାଟ
ମିଛର ଶରୀର ।
ହୁଏ ମୁହିଁ ବାଘମୟ
ହୁଏ ପୂର୍ଣ୍ଣ, ସତ ଏକ ବାଘ ।

ହେବିନି ବାଉଳା ଆଉ
କହିବି ନି "ବାଘ ଖାଇଗଲା"
ବଉଳା ମୁଁ କରୁଛି ପ୍ରାର୍ଥନା
ମୋତେ ପଛେ ବାଘ ଖାଉ
ଗାଁ ଜାଣୁ
ସତ୍ୟ ରକ୍ଷା ହେଲା
ମୋତେ ପଛେ ବାଘ ଖାଉ
ଗାଁ ଜାଣୁ
ସତ ସତ ଏଠି ବାଘଥିଲା ।
ଭଲ କଲି, ଭଲ ହେଲା, ଭଲ କଲ
ଗାଈକୁ ମୋ ବାଘ ନେଇ ଗଲା.....ଧନ୍ୟବାଦ ।

—୦୦—

କଟକ
୨୫।୯।୮୭

Digitized by PPRACHIN, SOA

ଭଲ ଗପ/ସତ ଗପ

(ଗାଳ୍ପିକ ବନ୍ଧୁ ୰ ବୀରେନ୍ଦ୍ର ମହାନ୍ତିଙ୍କ
ଅକାଳ ଏବଂ ଆକସ୍ମିକ ବିୟୋଗରେ)

ଇଥା ନ ଥାଏ
କି କଥାଣି ନ ଥାଏ
ଭଲ ଗପ ସବୁ ଏମିତି
ହଠାତ୍ ସରିଯାଏ ।

ଭଲ ଗପ ସବୁ
ଜଙ୍ଗଲି ରାସ୍ତା ପରି
କୋଳାହଳ ଭିତରେ ବି,
ଏମିତି ନିର୍ଜନ
ଫୁଲଝରି ପରି
ଫୁସ୍ କରି ଜଳି ଯିବାକୁ ଏମିତି
ସବୁବେଳେ ହମହମ ।

ସର୍କସର ସେଇ ସବା ଉଚ୍ଚା ଦୋଳିରୁ
ପ୍ରତିଦିନ ଠିକ୍ ସମୟରେ
ହାତଛାଡ଼ି ଝୁଲୁଥିବା
ସେ ଝିଅଟି ପରି
ଭଲ ଗପରେ
ତୁହାକୁ ତୁହା
ଉତ୍କଣ୍ଠା ଫେରେ
ମୃତ୍ୟୁସହ ନିବିଡ଼
ଓଲଟ ରତିରେ ।

Digitized by PPRACHIN, SOA

ଭଲ ଗପ ସତେ
ଏତେ ସାଦାସିଧା, ସହଜ ସରଳ
ବେଳେ ବେଳେ ମନେହୁଏ
ମୁଁ ବି ଚାହିଁଲେ ଫୁଟାଇ ପାରିବି
ଭଲ ଗପର ଫୁଲ
କିନ୍ତୁ ହତାଶ ହୋଇ
ଗୁମ୍ ମାରି ବସିଥିବା ବେଳେ
ତୁମ କଥା ମନେପଡ଼େ।
ସତେ କି ତୁମ ଥଣ୍ଡାହାତ
ପିଠିକୁ ମୋର ଥାପୁଡ଼େଇ
ସବୁଦିନ ପରି ହିମ୍ମତ ଦେଇ
ସେଇ ଚାପା ଚାପା ହସ ଆଉ
ମିଠା ମିଠା ନାଟୁଆ ସ୍ୱରରେ

କହେ,
'ରବି, ଭଲ ଗପଟାଏ
ଲେଖିବା କ'ଣ ସତରେ କଷ୍ଟକର?
ବେଟ୍‌ମାର,
''ଚାହିଁଲେ ତମେ ବି ଭଲ ଗପଟାଏ ଲେଖିପାର।''

ଜାଣେ,
ତୁମର ଏ ମିଛ ଆଶ୍ୱାସନା
ପଛରେ ଥାଏ ଏକ
ସତ ପ୍ରବୋଦନା
ଭଲ ଗପଟାଏ ଲେଖିବା
ସତରେ କଷ୍ଟକର ନୁହେଁ
ଖାଲି ଯାହା
ସାହସ ଦରକାର
ତୁମ ପରି ନିଜକୁ
ଭଲ ଗପଟାଏ କରି ପାରିବାର।

—୦୦—

କଟକ
୩୧.୩.୯୧

Digitized by PPRACHIN, SOA

ଏ ବୃକ୍ଷ ନୁହଁଇ କାହାର

ବୃକ୍ଷ ଚାଲେ
ପଥେ ଛାଡ଼ି ଛାୟା ଓ ପଥିକ
ଛାୟା ଆଉ କୃତଘ୍ନ ପଥିକ
ତା ପାଇଁକି ଆଜି ଉପଦ୍ରବ
ଯେଉଁ ପରି ତା' ଫଳକୁ ଟେକା ମାରୁଥିବା
ବାଳୁଙ୍ଗା ଟୋକାଏ ଅବା
ତା ଫୁଲକୁ ଅଙ୍କୁଶରେ ଟାଣୁଥିବା
ମନ୍ଦିର ପୂଜକ।

ବୃକ୍ଷ ଚାଲେ
ପଛେ ଛାଡ଼ି
ଚେର ଆଉ ମାଟି ଓ ଆକାଶ
ଚେର ଆଉ ପରିଚିତ ମାଟି ଓ ଆକାଶ
ତା ପାଇଁକି ଆଜି ତ୍ୟାଜ୍ୟ
ଯେଉଁ ପରି ବୁଢ଼ାପତ୍ର
ଅଥବା ବଲ୍କଳ।

Digitized by PPRACHIN, SOA

ସଂସାର ଦେଖୁଛି ବୃକ୍ଷ
ଫଳ, ପୁଷ୍ପେ ଭରା
ବୃକ୍ଷ ଛୁଏଁ ଆକାଶ ପାତାଳ
ବୃକ୍ଷ ଛୁଏଁ ନିଜ ଭିତରକୁ
ଭିତର ତା' ଅନ୍ଧାରୁଆ ଶୀତଳ କୋଟର

ତା' ଭିତରୁ ଛାଟମାରି କିଏ କହେ
ବଞ୍ଚିବାକୁ ଯଦି ଚାହୁଁ
ମୂର୍ଖ ଦ୍ରୁମ ଆରେ,
ବୀଜ ଯେଉଁପରି
ନିଜକୁ ଭରଇ ବୃକ୍ଷେ
ସେହିପରି ଭରି ଦେ ତୋ
ଶୂନ୍ୟ କୋରଡ଼କୁ
ନିଜ ଅରଣ୍ୟରେ

ରେ ମୂଢ଼ ପାଦପ
ବଞ୍ଚିବାକୁ ଯଦି ଚାହୁଁ
ଚାଲିବାକୁ ହେବ
ମାଟି ମୋହ
ଚେର ମୋହ
ଆକାଶର ମୋହ
ଛାଡ଼ିବାକୁ ହେବ ।

Digitized by PPRACHIN, SOA

ମାଟିକୁ ଯାବୁଡ଼ି ଧରି
କିପରି ଚାଲିବୁ ?
କିପରି ଚାଲିବୁ କହ
ଫଳ, ପୁଷ୍ପ
ଆକାଶ ମୁଣ୍ଡାଇ ?

ବୃକ୍ଷକୁ ଚିହ୍ନିବୁ ଆଉ
ବନକୁ ଭେଟିବୁ
ଚାଲି ଚାଲି ଯେଉଁ ଦିନ ନଗ୍ନ ଅବଧୂତ
ବୀଜଟିଏ ହେବୁ ।

—୦୦—

କଟକ
ତା୨.୧.୯୩

Digitized by PPRACHIN, SOA

ଅରୁନ୍ଧତୀ

(ଆମ ବାହାଘରର ପଚିଶ ବର୍ଷ ପୂରିବା ପରେ)

ମୁଁ ସୁଧାକୁ କହିଲି, "ଚାଲ, ଏଥର ପ୍ରସ୍ତୁତ ହେବା ବାର୍ଦ୍ଧକ୍ୟ ପାଇଁ, ଏକାକୀତ୍ୱ ପାଇଁ, ମୃତ୍ୟୁ ପାଇଁ।" ସେ କହିଲା, "ଠିକ୍ ଅଛି, ଚାଲ ଯିବା ବଦ୍ରିନାଥ"।

"ବଦ୍ରିନାଥ କ'ଣ ବାର୍ଦ୍ଧକ୍ୟ, ଏକାକୀତ୍ୱ, ମୃତ୍ୟୁ ?" ମୁଁ ପଚାରିଲି। "ନା", ସେ ଗମ୍ଭୀର ହୋଇ କହିଲା, "ବଦ୍ରିନାଥ ଏକ ସିଡ଼ି। ବାର୍ଦ୍ଧକ୍ୟ, ଏକାକୀତ୍ୱ ଆଉ ମୃତ୍ୟୁରୁ ଅନନ୍ତ ଜୀବନକୁ। ପୃଥିବୀରୁ ସ୍ୱର୍ଗକୁ।"

ମୁଁ ଜାଣେ, ସ୍ୱର୍ଗ ସମସ୍ତଙ୍କ ଭାଗ୍ୟରେ ନ ଥାଏ। ସ୍ୱର୍ଗକୁ ଯିବାକୁ ହେଲେ ଏକ ମୁହାଁ ଚାଲିବାକୁ ହୁଏ। ସେଇଥିପାଇଁ ସ୍ୱର୍ଗକୁ ଯାଇ ପାରନ୍ତି କେବଳ ଯୁଧିଷ୍ଠିରମାନେ ଅଥବା ତାଙ୍କର କୁକୁର।

"ଚାଲ, ଆମେ ଆମର ସେଇ ଭଙ୍ଗା ଘରକୁ ଫେରିଯିବା।" ମୁଁ ସୁଧାହାତ ଟାଣୁଥିଲି।

"ଠିକ୍ ଅଛି, ଫେରିଯିବା ଆମ ବଖରାକୁ। ମୋତେ କିନ୍ତୁ କହିବ ନାହିଁ ଯିବାକୁ ସେ ଅଗଣାକୁ। ତଳେ ବେଙ୍ଗ, ଚୁଚୁନ୍ଦ୍ରା। ଆଉ ଉପରେ ଭଙ୍ଗା ଦିଆଲ ଫାଟରେ ସେ ବର, ଅଶ୍ୱତ୍ଥ ଗଛ ଦି'ଟା ମୁଁ ଘୃଣା କରେ"। ସୁଧା ତାଗିଦ୍ କରିଦେଲା।

"ଘରକୁ ଯିବା ଅଥଚ ଅଗଣାକୁ ନ ଯିବା କିପରି! ସତରେ ମୋତେ ସେ ଅଗଣା ଏତେ ଭଲ ଲାଗେ! ତଳେ ଯେଉଁଠି ତୁମେ ଜାଳିଥିବା ସଞ୍ଜବତୀ ଆଉ ଉପରେ, ଚାଳିଶା ଆଖିକୁ ଏବେ ବି ସ୍ପଷ୍ଟ ଦିଶିଯାଏ ମୋତେ ମୋର ଅରୁନ୍ଧତୀ।"

—oo—

କଟକ
ନଭେମ୍ବର ୧୯୯୨

Digitized by PPRACHIN, SOA

ସାରିବା ମାନେ.. ..

ଯେତେବେଳେ କମାଟିଏ ଦେଲ
କ'ଣ ଜାଣି ନଥିଲ
ପୂର୍ଣ୍ଣଛେଦ ଯାଏ ଯିବାକୁ ହେବ !
କଣ ପଢ଼ି ନଥିଲ
କମାମାନେ ମିଶିଲେ ପୂର୍ଣ୍ଣଛେଦ ହୁଅନ୍ତି
ଆଉ ପୂର୍ଣ୍ଣଛେଦମାନେ ମିଶିଲେ
ଗପଟିଏ ହୁଏ !
କ'ଣ ଆଇମା'ଠୁ ଶୁଣି ନ ଏ ଯାଏ
ଗପ ସରିଗଲେ
ଫୁଲ ଗଛ ମରିଯାଏ!

ଗପ ମାନେ କମା,
ନ ସରିବାର ଅସନ୍ତୋଷ
ସାରିବା ପାଇଁ ବ୍ୟାକୁଳତା
ଆଉ ସରିଯିବାର ଭୟ ।

ଗପ ମାନେ କମା,
ମାନେ, ଏକ ବିଚିତ୍ର ପରିକ୍ରମା
ଏକ ଆବର୍ତ୍ତନ,
ପ୍ରତ୍ୟାବର୍ତ୍ତନ ସେଇ
ଅପହଞ୍ଚ ବିନ୍ଦୁକୁ ।
ଭଉଁରୀର ଧାରେ ଧାରେ
ଆଗେଇବା
ପଛକୁ
ପଛକୁ ।

—○○—

କଟକ
୨୭.୧୦.୯୦

Digitized by PPRACHIN, SOA

ସଙ୍କେତ ସୂଚୀ

ପୃଥିବୀ ସୂକ୍ତ- ଅଥର୍ବ ବେଦର ଦ୍ୱାଦଶ କାଣ୍ଡ ପ୍ରଥମ ସୂକ୍ତ 'ପୃଥିବୀ ସୂକ୍ତ' ରୂପେ ପରିଚିତ।
ପୃ-୧୨ ଇଡ଼ିପସ୍ - ନିଜ ମାତାକୁ କରିଥିବା ବିବାହ / ପ୍ରବାଦୋକ୍ତ ଅଭିଶପ୍ତ ଗ୍ରୀକ୍ ବୀର।
ପୃ-୧୩ ବେଦ ଅନୁଯାୟୀ ପର୍ଜନ୍ୟ ପୃଥିବୀଙ୍କର ସ୍ୱାମୀ। ଖନନ, କର୍ଷଣ ଯୋଗ୍ୟ ଉର୍ବର ଭୂମିର ନାମ ଅପ୍ନସ୍ୱତୀ।
ପୃ -୧୪ ଫିନିକ୍ସ- ମିଶରୀୟ ପ୍ରବାଦୋକ୍ତ ପକ୍ଷୀ ଯାହା ବାରମ୍ବାର ଅଗ୍ନିସ୍ନାନ କରି ନବକଳେବର ପ୍ରାପ୍ତ ହୁଏ। ବୈଶ୍ୱାନର - ପୃଥିବୀ ଗର୍ଭସ୍ଥ ଅଗ୍ନିଙ୍କ ନାମ।

ଗୁଡ୍ ଫ୍ରାଇଡ଼େର କବିତା- ପୃ-୧୫ ଗୁଡ଼ଫ୍ରାଇଡ଼େରେ ଯିଶୁ କ୍ରୁସବିଦ୍ଧ ହେଲେ ଏବଂ ତା'ର ଦୁଇଦିନ ପରେ ଇଷ୍ଟର ଦିନ ପୁନର୍ଜୀବନ ପାଇ ଅଶରୀରୀଭାବେ ପୃଥିବୀରେ ବିଚରଣ କରୁଛନ୍ତି ବୋଲି ଖ୍ରୀଷ୍ଟଧର୍ମ ବିଶ୍ୱାସ କରେ। ପ୍ରଭାସ, କ୍ୟାଲଭାରୀ, ମେମ୍ଫିସ୍ ଓ ବିର୍ଲାର ବଗିଚାରେ ଯଥାକ୍ରମେ ଶ୍ରୀକୃଷ୍ଣ, ଯିଶୁ, ମାର୍ଟିନ୍ ଲୁଥର କିଙ୍ଗ୍ ଓ ଗାନ୍ଧୀଜୀ ସହୀଦ୍ ହୋଇଥିଲେ।

ବଲିଭିଆ, ହାନୋଇ, କୋରାପୁଟ ଇତ୍ୟାଦି ସ୍ଥାନରେ, ଏ କବିତା ରଚନା ସମୟରେ, ହଜାର ହଜାର ବିପ୍ଳବୀ ବୈଷମ୍ୟ ତଥା ଶୋଷଣ ବିରୁଦ୍ଧରେ ସଂଗ୍ରାମ କରି ପ୍ରାଣପାତ କରୁଥିଲେ।

କୋକେଇ ଉପରୁ ସଂସାର ଦର୍ଶନ - ପୃ-୨୦ ଲିଥି - ଗ୍ରୀକ୍ ଉପକଥା ବର୍ଣ୍ଣିତ ପାତାଳ ନଦୀ ଯାହାର ଜଳପାନ ବିସ୍ମୃତି ଘଟାଏ।

ଉତ୍କଳମଣି (ଅଥବା ସେହିପରି ମହାପୁରୁଷ ମାନଙ୍କୁ) - ପୃ-୨୬ ବିଂଶସୂତ୍ରୀ ପୁନର୍ନିର୍ମାଣ - ୧୯୭୫/୭୬ରେ ଇନ୍ଦିରାଗାନ୍ଧୀଙ୍କ ଶାସନ କାଳରେ ଘୋଷିତ ଜରୁରୀ ପରିସ୍ଥିତି ଦେଶ ବିଦେଶରେ ନିନ୍ଦିତ ହେବାରୁ ଜନସାଧାରଣଙ୍କ ତୁଷ୍ଟିପାଇଁ ଘୋଷିତ 'ବିଂଶସୂତ୍ରୀ କାର୍ଯ୍ୟକ୍ରମ'।
ପୃ-୨୬ ଇକ୍ୱାପ୍ଲେ - ଥାଇଲାଣ୍ଡର ଡୋଙ୍ଗ୍‌ରାକ୍ ପାର୍ବତ୍ୟ ଅଞ୍ଚଳରେ ଦେଖାଯାଉଥିବା ପୃଥିବୀର ସବୁଠାରୁ ଦୁର୍ଲଭ ଗୃହପାଳିତ ପଶୁ।

Digitized by PPRACHIN, SOA

ପୃ-୨୭ ମଙ୍ଗଳଚଣ୍ଡିଆ - ଦେବାଦେବୀଙ୍କ ଚିତ୍ର ଭେକରେ ପକାଇ ଗାଁ ଗାଁ ଭିକମାଗି ବୁଲୁଥିବା ଏକ ଭିକ୍ଷୁକ ଶ୍ରେଣୀ।

ଆଗ୍ନେୟ ସୂକ୍ତ -ପୃ-୨୮ ଓଁ ଅଗ୍ନିମୀଳେ - ଋକ୍‌ବେଦ ପ୍ରଥମ ମଣ୍ଡଳ, ପ୍ରଥମ ଅଧ୍ୟାୟର ପ୍ରଥମ ସୂକ୍ତ ଆଗ୍ନେୟ ସୂକ୍ତ ରୂପେ ପରିଚିତ। ଏହାର ପ୍ରଥମ ଋକ୍‌ର ପ୍ରଥମ ପାଦ 'ଓଁ ଅଗ୍ନିମୀଳେ' - ଅର୍ଥାତ୍ ମୁଁ ଅଗ୍ନିଦେବଙ୍କର ସ୍ତୁତି କରୁଛି। (ଅର୍ଥାନ୍ତରେ) ମୁଁ ଅଗ୍ନିଦେବଙ୍କର ଅନ୍ୱେଷଣ କରୁଛି।
ପୃ-୨୯ ପରୋପ୍ତା, ଉଦ୍ଧିତା - ଅଥର୍ବ ବେଦରେ ବର୍ଣ୍ଣିତ ଶବସଂସ୍କାରର ବିଭିନ୍ନ ପଦ୍ଧତି ଭିତରୁ ଦୁଇଟି। ଯେଉଁ ଶବକୁ ପଶୁପକ୍ଷୀଙ୍କ ଖାଇବା ପାଇଁ ଖଣ୍ଡ ଖଣ୍ଡ କରି ପୋପାଡ଼ି ଦିଆଯାଏ ତାହା ପରୋପ୍ତା। ଅସହାୟ ଅବସ୍ଥାରେ ଛାଡ଼ିଦିଆଯାଇଥିବା ଶବ ଉଦ୍ଧିତା।
ପୃ-୩୦ ଯବସ, ଅତସ - ଋଗବେଦର ଦୁଇଟି ଶବ୍ଦ। ବନ୍ୟ ଅଗ୍ନିରେ ଜଳିଯାଉଥିବା ଘାସର ନାମ ଯବସ। ଯାହା କିଛି ଅନାୟାସରେ ଜଳିଯାଏ ତାହା ଅତସ।
ପୃ-୩୨ ସାମିଧେନୀ ଅନୁବଚନ - ଯେଉଁ ଋକ୍ ବୋଲି ଅଗ୍ନିକୁ ଉଦ୍ଦୀପ୍ତ କରାଯାଏ ତାହା ସାମିଧେନୀ ରୂପେ ପରିଚିତ।
ପୃ-୩୦ ଯାତୁଧାନ - ଅଭିଚାରକର୍ତ୍ତା। ଯାଦୁକର। ସମ୍ଭବତଃ, ଏହି ବୈଦିକ ଶବ୍ଦ 'ଯାତୁ'ରୁ ମ୍ୟାଜିକ୍ ଅର୍ଥରେ 'ଯାଦୁ' ଶବ୍ଦର ଉତ୍ପତ୍ତି।
ପୃ-୩୨ ଇଦମହମନୃତାତ୍ ସତ୍ୟମୁପୈମି - ସଂପୂର୍ଣ୍ଣ ମନ୍ତ୍ର :
ଓଁ ଅଗ୍ନେ ବ୍ରତପତେ ବ୍ରତଂ ଚରିଷ୍ୟାମି ତଚ୍ଛକେୟଂ ତନ୍ମେରାଧ୍ୟତାମ୍। ଇଦମହମନୃତାତ୍ ସତ୍ୟମୁପୈମି। (ହେ ବ୍ରତପତେ ଅଗ୍ନି! ମୁଁ ବ୍ରତ ଆଚରଣ କରିବି। ମୋତେ ଏପରି ପ୍ରେରିତ କରନ୍ତୁ ଯେପରି ମୁଁ ଏଥିରେ ସମର୍ଥ ହେବି। ବର୍ତ୍ତମାନ ମୁଁ ଅନୃତରୁ ସତ୍ୟାଭିମୁଖରେ ଆସୁଅଛି।)

ଧୂମାବତୀ - ଦୁର୍ଗାଙ୍କର ଦଶବିଧ ଅବତାର (ଦଶ ମହାବିଦ୍ୟା) ଭିତରୁ ଧୂମାବତୀ ଅନ୍ୟତମ। ବିବର୍ଣ୍ଣା, ରୁକ୍ଷା, ମଳିନ ବସ୍ତ୍ରା, ବିରଳ ଦନ୍ତା, ବିଲମ୍ବିତ ପୟୋଧରା, କ୍ଷୁଧାତୁରା ଧୂମାବତୀ କ୍ଷୁଧାଜ୍ୱାଳା ସହି ନ ପାରି ସ୍ୱାମୀ ମହାଦେବଙ୍କୁ ଗ୍ରାସ କରିବାକୁ ତାଙ୍କ ପଛରେ ଗୋଡ଼ାଉଥିଲେ। ଦୁର୍ଗାଙ୍କର ଅନ୍ୟ ଏକ ଅବତାର ଶାକମ୍ଭରୀ। ପୃଥିବୀରେ ଶହେ ବର୍ଷ ବ୍ୟାପୀ ଅନାବୃଷ୍ଟି ପଡ଼ନ୍ତେ ଦୁର୍ଗା ନିଜ ଦେହସମ୍ଭୂତ ପ୍ରାଣଧାରକ ଶାକ ଦ୍ୱାରା ଜଗତକୁ ରକ୍ଷା କରିଥିଲେ।

Digitized by PPRACHIN, SOA

ଦାରୁ - ପୃ- ୩୯ ଜରତ୍କାରୁ - ଋଷିପତ୍ନୀ ଜରତ୍କାରୁଙ୍କୁ ତାଙ୍କ ସ୍ୱାମୀ ଛାଡ଼ିଦେଇ ଚାଲିଯାଉଥିବା ସମୟରେ ଆଶ୍ୱାସନା ଦେଇ ଯାଇଥିଲେ, ''(ମୋ ଉପରେ) ବିଶ୍ୱାସ ରଖ। ତୁମେ ଗର୍ଭବତୀ। ତୁମ ଗର୍ଭରେ ଗୋଟିଏ ପୁତ୍ର ସନ୍ତାନ ଅଛି (ଅସ୍ତି)। 'ଅସ୍ତି' ଶବ୍ଦରୁ ପୁତ୍ରର ନାମ ''ଆସ୍ତିକ'' ହେଲା।

ପୃ - ୩୯ ତେନ ଗଛ ପରସ୍ତରମ୍ - ସଂପୂର୍ଣ୍ଣ ମନ୍ତ୍ର :

ଅଦୋ ଯଦ୍ଦାରୁ ପ୍ଲବତେସିନ୍ଧୋଃ ପାରେ ଅପରୁଷମ୍

ତଦା ରଭସ୍ୱ ଦୁର୍ହଣୋ ତେନ ଗଛ ପରସ୍ତରମ୍।

ଅନେକ ଅର୍ଥ କରନ୍ତି ଯେ ଋକ୍‌ବେଦର ଏହି ମନ୍ତ୍ରରେ ସମୁଦ୍ରରେ ଭାସମାନ ଦାରୁବ୍ରହ୍ମ ହିଁ ପୂଜ୍ୟ ତଥା ମୁକ୍ତିର ପଥ ବୋଲି ନିର୍ଦ୍ଦେଶ କରାଯାଇଛି।

ଏ ବୃକ୍ଷ ନୁହଁଇ କାହାର - ଭାଗବତ ଏକାଦଶ ସ୍କନ୍ଧରୁ ଶୀର୍ଷକଟି ଗୃହୀତ।

ଅରୁନ୍ଧତୀ - ବିବାହ ସମୟରେ ଅରୁନ୍ଧତୀ ତାରାକୁ ସାକ୍ଷୀ ରଖାଯାଏ। ପୁନଶ୍ଚ କଥିତ ଅଛି, ଅରୁନ୍ଧତୀ ତାରା ଖାଲି ଆଖିକୁ ନ ଦେଖାଯିବା ମୃତ୍ୟୁ ସନ୍ନିକଟ ହେବାର ଲକ୍ଷଣ।

—○○—

Digitized by PPRACHIN, SOA